## ସଂକ୍ଷେପରେ

### ମାଥିଲିରେ ମୁଁ ହିରୋ କାର୍ଯ୍ୟକ୍ରମ



ମାଥିଲି, ୨୦।୯ (ଡି.ଏନ.ଏ.)
ମାଲକାନଗିରି ଜିଲା ମାଥିଲି ବ୍ଲକ ସଦର ଶହୀଦ ଲକ୍ଷ୍ମଣ ନାୟକ ଭବନ ପରିସରରେ ବୁଧବାର ମୁଁ ହିରୋ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶା,ସମ୍ମାନିତ ଅତିଥି ରୂପେ ବିଡିଓ ଆଶିଷ କୁମାର ଭୋଇ, ଡବ୍ଲ୍ୟୁଇଓ ଶଶିକାନ୍ତ ସାମନ୍ତରାୟ , ଜିପିଇଓ ସୁଶାନ୍ତ ବେହେରା, ବିଜୁ ଯୁବବାହିନୀର ଜିଲା ସଂଯୋଜକ ବିନାଶ କୁମାର ମିଶ୍ର, ଦେବା ସୋଡି, ଜୟନ୍ତୀ ବୁରୁଦା ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଥିବା ୬ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା । ଭୁବନେଶ୍ୱରରୁ ୧୬ ଜଣ କାର୍ଯ୍ୟକ୍ରମ ଆୟୋଜନକାରୀ ଆସିଥିଲେ । ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାଙ୍କୁ ଅନ୍ୱେଷଣ କରି ବିଭିନ୍ନ ପ୍ରଶଂସନୀୟ କାର୍ଯ୍ୟରେ ନିଜର ଦକ୍ଷତା ଦେଖାଇଥିବା ପ୍ରତିଭାଙ୍କୁ ମଞ୍ଚରେ ସମ୍ମାନିତ କରିବା ରାଜ୍ୟ ସରକାରଙ୍କ ମୁଁ ହିରୋ କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମାଞ୍ଚଳରୁ ବିଜୁ ଯୁବବାହିନୀ, ଉତ୍କଳମଣି ଗୋପବନ୍ଧୁ ଜୁନିୟର ଏବଂ ଡିଗ୍ରୀ କଲେଜର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ । ସିଆରସିସି ଜୟନ୍ତ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜୁ ଯୁବବାହିନୀର ବ୍ଲକ ସଂଯୋଜକ ଗୋପୀନାଥ ନାୟକ ସହଯୋଗ କରିଥିଲେ ।

### ଉପାନ୍ତ ଅଞ୍ଚଳର ସମସ୍ୟା, ଶିକ୍ଷା ବ୍ୟବସ୍ଥା ତଦାରଖ କଲେ ବ୍ଲକ ଅଧକ୍ଷା

ମାଥିଲି, ୨୦।୯ (ଡି.ଏନ.ଏ) -
ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ଦୁର୍ଗମ ଗ୍ରାମକୁ ବୁଧବାର ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ନାୟକ ଗସ୍ତ କରି ଗ୍ରାମ ସମସ୍ୟା ସହ ଶିକ୍ଷା ବ୍ୟବସ୍ଥା ତଦାରଖ କରିଛନ୍ତି । ସେ ବ୍ଲକର କମାରପାଲି, ମହୁପଦର ପଞ୍ଚାୟତ ଗସ୍ତ କରି ପଞ୍ଚାୟତବାସୀଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଗ୍ରାମରେ ଶିକ୍ଷା ବ୍ୟବସ୍ଥାର ତଦାରଖ କରି ଛାତ୍ରୀଛାତ୍ରଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଉପାନ୍ତ ଗ୍ରାମଗୁଡିକରେ ବିକାଶ ସ୍ୱପ୍ନ ପାଲଟିଛି । ବିଭିନ୍ନ ସମସ୍ୟାରେ ରହି ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାସ୍ତାଘାଟଠାରୁ ଆରମ୍ଭ କରି ମୌଳିକ ସମସ୍ୟା ପର୍ଯ୍ୟନ୍ତ ସେ ଆଲୋଚନା କରିଥିଲେ। ବିଦ୍ୟାଳୟ କୋଠା, ଶ୍ରେଣୀ ଗୃହ ନ ଥିବାରୁ ଛାତ୍ରୀଛାତ୍ରମାନେ ସମସ୍ୟା ଭୋଗୁଛନ୍ତି । ପାନୀୟ ଜଳ, ରାସ୍ତା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ୨ ପଞ୍ଚାୟତବାସୀ ସମସ୍ୟା ଭୋଗୁଛନ୍ତି । ବୋଲି ଲୋକେ ବ୍ଲକ ଅଧକ୍ଷା ନାୟକଙ୍କୁ ଅବଗତ କରାଇଥିଲେ । ସମସ୍ୟା ସମ୍ପର୍କରେ ଜିଲା ସ୍ତରରେ ଅବଗତ କରାଇ ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି ବ୍ଲକ ଅଧକ୍ଷା ପ୍ରତିଶ୍ରୁତି ଦେଇଥିଲେ ।

### ଭୀମ ଭୋଇ ସାମର୍ଥ୍ୟ ଶିବିର



ପଡିଆ, ୨୦।୯–
ପଡିଆ ଏସ୍ଏସ୍ଡି ଆଶ୍ରମ ବିଦ୍ୟାଳୟରେ ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୩୫ ଜଣ ଦିବ୍ୟାଙ୍ଗ ନାମ ପଞ୍ଜିକୃତ କରିଥିଲେ। ଅସ୍ଥିଶଲ୍ୟ ବିଭାଗ ୧୪୭, ଦୃଷ୍ଟି ବାଧିତ ୪୩, ଶ୍ରମଣ ବାଧିତ ୩୨ ଏବଂ ମାନସିକ ଅନଗ୍ରସର ୬ଜଣ ଦିବ୍ୟାଙ୍ଗ ନାମ ପଞ୍ଜିକୃତ କରିଥିଲେ। ମାନସିକ ଅନଗ୍ରସର ବିଭାଗ ଡାକ୍ତର ଆସି ନ ଥିବାରୁ ବହୁ ଦିବ୍ୟାଙ୍ଗ ଫେରି ଯାଇଥିଲେ। ଡ. ପାଣ୍ଡୁ ଚରଣ ମଣ୍ଡଳ, ଜଗନ୍ନାଥ ସାହା, ଶିବ ପ୍ରସାଦ ସାହୁ, ନବଘନ ସେଠୀ, ତପନ କୁମାର ବେହେରା ଉପସ୍ଥିତ ଥିଲେ। ମାଡି ନାଗେଶ୍ୱର ରାଓ, ରବି ନନ୍ଦ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବଢୁଛି ଚିତ୍ରକୋଣ୍ଡା ଡ୍ୟାମ୍ ଜଳସ୍ତର

- ୧୫୧୫ରେ ଜଳସ୍ତର
- ଗେଟ୍ ଖୋଲିବା ପାଇଁ ପ୍ରଶାସନ ଦେଲା ସତର୍କ ସୂଚନା

ଚିତ୍ରକୋଣ୍ଡା, ୨୦।୯
ଲଗାଣ ବର୍ଷା ଯୋଗୁ ବାଲିମେଳା ଜଳଭଣ୍ଡାର ଜଳସ୍ତର ବୃଦ୍ଧି ପାଇଁ ୧୫୧୫ ଫୁଟରେ ପହଞ୍ଚିଛି। ଜିଲା ପ୍ରଶାସନ ଏଥିପାଇଁ ସଜାଗ ରହିଛି। ଜଳଭଣ୍ଡାର ଗେଟ୍ ଖୋଲାଯିବ ବୋଲି ଏହାର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଏସ୍ଏନ ଅଧିକାରୀ ଦାସ ସୂଚନା ଦେଇଛନ୍ତି। ଡାକବାଜି ଯନ୍ତ୍ର ସାହାଯ୍ୟରେ ସମସ୍ତ ଜନସାଧାରଣ ,ମତ୍ସ୍ୟଜୀବୀଙ୍କୁ ଜଳଭଣ୍ଡାରକୁ ଯିବାକୁ ବାରଣ କରାଯାଇଛି। ପ୍ରକାଶ ଥାଉକି ଡ୍ୟାମର ଜଳ ଧାରଣ କ୍ଷମତା ୧୫୧୮ଫୁଟ ରହିଛି। କିଛି ଦିନ ତଳେ ୨ଟି ଗେଟ୍ ଖୋଲାଯାଇ ୨୦୦୦ କ୍ୟୁସେକ ଗତିରେ ଜଳ ଛଡା ଯାଉଥିଲା। ବର୍ତ୍ତମାନ ୫୦୦୦୦ କ୍ୟୁସେକ୍‌ରୁ ଊର୍ଦ୍ଧ୍ୱ ଗତିରେ ଜଳ ନିଷ୍କାସନ କରିବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।



ଚିତ୍ରକୋଣ୍ଡା ଜଳଭଣ୍ଡାର ।

- ମୁଁ ହିରୋ, ମୁଁ ଓଡିଶା କାର୍ଯ୍ୟକ୍ରମରେ ସୂଚନା ଦେଲେ ମଙ୍ଗଳ ସଂପ୍ରସାରଣ ଅଧିକାରୀ

## ଏସ୍ଏସ୍ଡି ବାଳିକା ଉଚ୍ଚ ବିଦ୍ୟାଳୟରେ ସାମିଲ ହେଲା +୨

ଚିତ୍ରକୋଣ୍ଡା, ୨୦।୯–
ଚିତ୍ରକୋଣ୍ଡା ଏସ୍ଏସ୍ଡି ବାଳିକା ଉଚ୍ଚ ବିଦ୍ୟାଳୟରେ ଯୁକ୍ତ ଦୁଇ ପାଠ୍ୟକ୍ରମ ଖୋଲାଯାଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଗୁରୁବାର ସ୍କୁଲରେ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଚାଲୁଥିବା ବେଳେ ଏଥିରେ ଅତିଥିଭାବେ ଯୋଗ ଦେଇଥିବା ମଙ୍ଗଳ ସଂପ୍ରସାରଣ ଅଧିକାରୀ ଚିତ୍ତରଞ୍ଜନ ବେହେରା ଓ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ସେଠୀ ଏହି ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଚିତ୍ରକୋଣ୍ଡାରେ କୌଣସି କଲେଜ ନ ଥିବାରୁ ସ୍କୁଲ ପରେ ଉକ୍ତ ବ୍ଲକର ୧୮ଟି ପଞ୍ଚାୟତର ଛାତ୍ରୀଛାତ୍ରମାନେ ଉଚ୍ଚ ଶିକ୍ଷା ପାଇଁ ମାଲକାନଗିରି, ବାଲିମେଳା ଓ କୁଡୁମୁଲୁଗୁମା ମହାବିଦ୍ୟାଳୟ ଉପରେ ନିର୍ଭର କରୁଥିଲେ। ଏଥିପାଇଁ ସେମାନଙ୍କୁ ପ୍ରାୟ ୩୦ ରୁ ୭୦ କିଲୋମିଟର ରାସ୍ତା ଅତିକ୍ରମ କରି ଯିବାକୁ ପଡୁଥିଲା । ସ୍କୁଲରେ ଯୁକ୍ତ ଦୁଇ ଖୋଲିଥିବାରୁ ଏଣିକି ପାଠ ପଢିବାକୁ ଆଉ ଆମକୁ ଅସୁବିଧା ନାହିଁ ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି। ଏଥିପାଇଁ ସ୍ଥାନୀୟ ଲୋକେ ପ୍ରଶାସନକୁ ଧନ୍ୟବାଦ ଦେଇଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଚିତ୍ରକୋଣ୍ଡା ଥାନାଧିକାରୀ ରାମ ପ୍ରସାଦ ନାଗ, ଅତିରିକ୍ତ ତହସିଲଦାର ଚନ୍ଦ୍ରମଣି ସ୍ୱାଇଁ, ଅତିରିକ୍ତ ବିଡିଓ ବେଣୁ କ୍ରିସାନ, ସାମାଜିକ କର୍ମୀ ଦେବେନ୍ଦ୍ର ଦାସ, ବିଧାୟକ ପ୍ରତିନିଧି ଅମିତ କୁମାର ଅଗ୍ରୱାଲ, ଜିଲା ସାହିତ୍ୟ ଏକାଡେମୀ ସଦସ୍ୟ ରତ୍ନାକର ଦାସଙ୍କ ସମେତ ବଡପଡା ଥାନାଧିକାରୀ ଲକ୍ଷ୍ମୀକାନ୍ତ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ବିଜୁ ଯୁବ ବାହିନୀ ବ୍ଲକ ସଂଯୋଜକ ଦିପୁ ରଥ ଓ ସଭାପତି ବାବୁଲା ଖିଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭୁବନେଶ୍ୱରରୁ ଆସିଥିବା ଯୁବ ବାହିନୀର ୧୫ ଜଣିଆ ଟିମ୍ ବିଭିନ୍ନ ସଚେତନତା ନାଟକ ପରିବେଷଣ କରିଥିଲେ । ଏଥିରେ ଅଞ୍ଚଳର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିନାୟକ ମିଶ୍ର ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀମାନେ ।

## ଅନୁକୂଳ ଚନ୍ଦ୍ରଙ୍କ ଜୟନ୍ତୀ

ଚିତ୍ରକୋଣ୍ଡା,୨୦।୯–
ଚିତ୍ରକୋଣ୍ଡାସ୍ଥିତ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସତସଙ୍ଗ କେନ୍ଦ୍ରରେ ଗୁରୁବାର ଭାଦ୍ରବ ପରିକ୍ରମା ସତ୍‌ସଙ୍ଗ ଉଦ୍‌ଯାପିତ ହେବା ସହ ଠାକୁରଙ୍କ ୧୩୧ ତମ ଜୟନ୍ତୀ ପାଳିତ ହୋଇଯାଇଛି। ସାମ୍ପ୍ରତିକ ସମୟରେ ଏକ ସୁସ୍ଥ ସମାଜ ଗଠନ ପାଇଁ ଠାକୁରଙ୍କର ଯୁଗୋପଯୋଗୀ ମତାଦର୍ଶ ଏକାନ୍ତ ଅପରିହାର୍ଯ୍ୟ ବୋଲି ଅଲେଖ ପ୍ରସାଦ ସାଇଁ ଓ ତ୍ରିଲୋଚନ ସେଠୀ କହିଛନ୍ତି। ଏହି ଭାଦ୍ରବ ପରିକ୍ରମା ସତସଙ୍ଗ ଏକ ମାସ ଧରି ଚାଲୁଥିଲା। ଠାକୁରଙ୍କ ଜୟନ୍ତୀ ଅବସରରେ ଦିନ ତମାମ ପ୍ରାର୍ଥନା, କୀର୍ତ୍ତନ କରାଯାଇଥିଲା। ଏଥି ସହ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ଚିତ୍ରକୋଣ୍ଡା ସତସଙ୍ଗ କେନ୍ଦ୍ରର ସଭାପତି ଶିବ ପ୍ରସାଦ ଖରା, ସମ୍ପାଦକ ରତନ ବିଶ୍ୱାସ, ରାକେଶ ମହାରଣା , ଅନ୍ତର୍ଯ୍ୟାମୀ ଡାକୁଆ ଓ କ୍ଷୀରୋଦ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଇନ ସହାୟତା କେନ୍ଦ୍ର ଉଦ୍‌ଘାଟିତ

ମାଲକାନଗିରି, ୨୦।୯ (ଡି.ଏନ୍.ଏ.)–
ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ କିଶୋର ନ୍ୟାୟ ପରିଷଦ କାର୍ଯ୍ୟାଳୟଠାରେ ଏକ ଆଇନ ସହାୟତା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଜିଲା ଜଜ ତଥା ଜିଲା ଆଇନସେବା ପ୍ରାଧିକରଣର ଅଧକ୍ଷ ମାନସକ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଦେବାଶିଷ ପଣ୍ଡା, ବରିଷ୍ଠ ଦେୱାନୀ ବିଚାରପତି ଜୀବନାନନ୍ଦ ପାଢି, ରେଜିଷ୍ଟ୍ରାର ହିମାଂଶୁ ଶେଖର ସିଂହ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅମରେଶ ନାୟକ, ଉପଖଣ୍ଡ ଦଣ୍ଡାଧିକାରୀ ସୁଚିତା କୃପାଳିନୀ, ଶିଶୁ ମଙ୍ଗଳ ସମିତି ଅଧକ୍ଷ ଅଶୋକ କୁମାର ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ସହାୟତା କେନ୍ଦ୍ରରେ ବାଳ ଅପରାଧ ସମ୍ପର୍କରେ ଯେଉଁମାନଙ୍କୁ ଆଇନ ସମ୍ବନ୍ଧୀୟ ସହାୟତା ଦରକାର ସେମାନଙ୍କୁ ପରାମର୍ଶ ଦିଆଯିବ। ଅନ୍ୟମାନଙ୍କ ମଧ୍ୟରେ ସଦସ୍ୟ ଦିନବନ୍ଧୁ ଦାସ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ, ପିଓଆଇସି ସୁଦେଷ୍ଣା ରାଉତ, ଏଲପିଡିଓ ସତ୍ୟଜିତ ପଣ୍ଡା, ପାରାଲିଗାଲ ସ୍ୱେଚ୍ଛାସେବୀ ଗୌରୀ ବିଶ୍ୱାସ, ତୁଳସୀ କୀର୍ତ୍ତନିଆ, ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଆଇନସେବା ପ୍ରାଧିକରଣ କାର୍ଯ୍ୟାଳୟର ଗିରିଧାରୀ ପାଣିଗ୍ରାହୀ, ଶ୍ରୀକାନ୍ତ ଦଣ୍ଡସେନା, ଅମିୟୁତ ସୁନା, ଡମ୍ବରୁଧର ମେହେର, ଜିଲା କୋର୍ଟର ସୁଗୁପ୍ତ ସେଠୀ, ରାଜେନ୍ଦ୍ର କୋଠିଆ, କୃଷ୍ଣଚନ୍ଦ୍ର ପଣ୍ଡା ଓ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।





କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ ।

## ତେଲୁଗୁ ଖବରକାଗଜ ପକ୍ଷରୁ ଖବରଦାତାଙ୍କ ପରିବାରକୁ ସହାୟତା

ମାଲକାନଗିରି, ୨୦।୯ (ଡି.ଏନ୍.ଏ.)
ମାଲକାନଗିରି ଜିଲାର ଇନାଡୁ ତେଲୁଗୁ ଦୈନିକ ଖବରକାଗଜର ଖବରଦାତା ଏସ.ଏନ ଦୋରାଙ୍କ ପୁଅ ପି.ଏଲ.ପ୍ରସାଦ ନାଇଡୁଙ୍କୁ ଖବରକାଗଜ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି । ଖବରକାଗଜର ଶ୍ରୀକାକୁଲମ ସଂସ୍କରଣ କାର୍ଯ୍ୟାଳୟର ଇନାଡୁ ୟୁନିଟ ଇନଚାର୍ଜ ରାମାନ୍ନା, ଓଡ଼ିଶା ଡେସ୍କ ଇନଚାର୍ଜ ବି.ଧନୟ ରାଓ ଓ ଜୟପୁର ଡିଭିଜନ ଇନଚାର୍ଜ ତଥା ସହ ସମ୍ପାଦକ ଭି.ପ୍ରବୀଣ ରାଜୁ ଯୋଗଦେଇ ୫ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ସ୍ୱର୍ଗତଃ ଦୋରା ଜଣେ ଦକ୍ଷ, ନିର୍ଭିକ ଖବରଦାତା ଥିଲେ ବୋଲି ସେମାନେ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ ଯେ, ଖବରଦାତା ଏସ.ଏନ ଦୋରା ରୋଗରେ ପିଡ଼ିତ ଥିଲେ। ବିଶାଖାପାଟଣାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

## ଉଦ୍ୟାନ, କୃଷି ବିଭାଗ ପକ୍ଷରୁ ଚାରା ବଣ୍ଟନ

ଚିତ୍ରକୋଣ୍ଡା, ୨୦।୯
ମାଲକାନଗିରି ଉଦ୍ୟାନ କୃଷି ବିଭାଗ ଆନୁକୂଲ୍ୟରେ ଚିତ୍ରକୋଣ୍ଡା ବ୍ଲକର ୧୫ଟି ପଞ୍ଚାୟତର ୪୩୮ ପରିବାରକୁ ଚାରା ବଣ୍ଟନ କରାଯାଇଛି। ସେମାନଙ୍କୁ ୨ଟି ଲେଖାଏ ନଡିଆ, ୪ଟି ଆମ୍ବ ଓ ୨ ଟି ଲେମ୍ବୁ ଚାରା ଯୋଗାଇ ଦିଆଯାଇଛି। ଚିତ୍ରକୋଣ୍ଡା ଉଦ୍ୟାନ କୃଷି ଫାର୍ମର ଧନୁର୍ଜୟ ହନ୍ତାଳ ଓ ଡମ୍ବରୁଧର ସମସ୍ତ ପଞ୍ଚାୟତକୁ ଯାଇ ଚାରା ବାଣ୍ଟିଥିଲେ। ସମସ୍ତ ଚାଷୀଙ୍କୁ ବିଭିନ୍ନ ପରିବା ଓ ଫଳ ଚାଷ କରିବା ପାଇଁ ଜମି ଯୋଗାଇ ଦିଆଯିବ ବୋଲି ମାଲକାନଗିରି ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ପି.ଡମ୍ବରୁ ରାଓ କହିଛନ୍ତି। ଆଉ ଅଧିକ ପରିମାଣର ଆମ୍ବ ,ନଡିଆ, କଦଳୀ ଆଦି ଚାରା ସହ ଚାଷ ପାଇଁ ପାଣି,ପ୍ରୋତ୍ସାହନ ରାଶି, ବାଡ, ଉତ୍ତମ ବିହନ,ସ୍ପ୍ରିଙ୍କ୍ଲର, ଯୋଗାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଟ୍ରକ୍ ଧକ୍କାରେ ବାଳକ ମୃତ

କବିସୂର୍ଯ୍ୟନଗର,୨୦।୯
କବିସୂର୍ଯ୍ୟନଗର ଖଜାପଲ୍ଲୀରେ ବୁଧବାର ଅପରାହ୍ନ ପ୍ରାୟ ୪ଟାରେ ବାଲି ବୋଝେଇ ଟ୍ରକ ଧକ୍କାରେ ସୁମନ ବିଷୋୟୀ (୯) ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ କୋଦଳା ମେଡିକାଲ ଓ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି। ଗୁରୁବାର ସକାଳୁ ମୃତଦେହ ଧରି ଖଜାପଲ୍ଲୀ ଗ୍ରାମବାସୀ ଭୁବନେଶ୍ୱର-କବିସୂର୍ଯ୍ୟନଗର ରାସ୍ତା ଅବରୋଧ କରିଥିଲେ।

- ଏସିଡ ଆକ୍ରମଣ ପୀଡିତାଙ୍କୁ ଆଇନସେବା ସମ୍ପର୍କିତ ସଚେତନତା ଶିବିର

## ନାଟକ ମାଧ୍ୟମରେ ପ୍ରଚାର କଲେ ସଚେତନତା ବାର୍ତ୍ତା

ମାଲକାନଗିରି, ୨୦।୯ (ଡି.ଏନ୍.ଏ)
ପଡ଼ିଆ ବ୍ଲକ ଅଧୀନ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ମାଲକାନଗିରି ଆଇନ ସେବା ପ୍ରାଧିକରଣ ପକ୍ଷରୁ ଗୁରୁବାର ଏସିଡ ଆକ୍ରମଣ ପିଡିତାଙ୍କ ପାଇଁ ଥିବା ଆଇନ ସେବା ସମ୍ବନ୍ଧୀୟ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମାଲକାନଗିରି ଜିଲା ଆଇନ ସେବା ପ୍ରାଧିକରଣର ସଚିବ ବିଚାରପତି ଅମରେଶ ନାୟକ, ଶିଶୁ ମଙ୍ଗଳ ସମିତି ସଦସ୍ୟ ତଥା ଆଇନଜୀବୀ ଦିନବନ୍ଧୁ ଦାସ, ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ସୁଦେର୍ଷ୍ଣା ରାଉତ, ଜିଲା ସମାଜ ମଙ୍ଗଳ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ, ସାମାଜିକ କର୍ମୀ ରଞ୍ଜନ କୁମାର ସ୍ୱାଇଁ, ଓଡିଶା ଆଦର୍ଶ ବିଦ୍ୟାଳୟର ଭାରପ୍ରାପ୍ତ ଶିକ୍ଷକ ଅବିନାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏସିଡ୍ ଆକ୍ରମଣକାରୀଙ୍କ ପାଇଁ ଥିବା ଦଣ୍ଡ ବିଧାନ ସହ ପିଡିତାଙ୍କ ପାଇଁ ଥିବା କ୍ଷତିପୂରଣ ସମ୍ବନ୍ଧରେ ବିଚାରପତି ନାୟକ ଆଲୋଚନା କରିଥିଲେ। ଏଥିସହ ଭାରତୀୟ ସମ୍ବିଧାନରେ ପ୍ରଦତ୍ତ ମାନବିକ ଅଧିକାର, ଦାୟିତ୍ୱ ସମ୍ପର୍କରେ ଆଲୋଚନା କରାଯାଇ ବାଧ୍ୟତାମୂଳକ ଶିକ୍ଷାଗତ ଅଧିକାର ଅଧିନିୟମ, କନ୍ୟା ସନ୍ତାନର ମହତ୍ତ୍ୱ ଉପରେ ଆଲୋଚନା କରାଯାଇଥିଲା। ଏଥିସହ ପାରିବାରିକ ଘୋରଇ ହିଂସା, ଯୌତୁକ ନିର୍ଯ୍ୟାତନା, ଲିଙ୍ଗ ଚୟନ କ୍ଷେତ୍ରରେ କିପରି ମହିଳା ନିଜକୁ ସୁରକ୍ଷା କରିବେ ସେ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ୨୫୦କରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପରେ ବିଦ୍ୟାଳୟର ଛାତ୍ରୀମାନେ ଏସିଡ ଆକ୍ରମଣ ସମ୍ପର୍କିତ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରି ଲୋକମାନଙ୍କୁ ସଚେତନ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୋଳିବାକୁ ସହସ୍ର ଦିନ,**
**ଭାଙ୍ଗିବାକୁ କ୍ଷଣେ ।**

ଗଢ଼ିବାଠାରୁ ଭାଙ୍ଗିବା ଅତି ସହଜ ହୋଇଥାଏ। ତିଆରି କରିବାକୁ ହେଲେ ବହୁକଷ୍ଟ ସ୍ୱୀକାର କରିବାକୁ ପଡ଼ିଥାଏ ଓ ସେହି ଅନୁସାରେ ସମୟ ମଧ୍ୟ ବହୁତ ଲାଗିଥାଏ। କିନ୍ତୁ ଭାଙ୍ଗିବା କଥା ଉଠିଲେ ସମୟ ଆଦୌ ଲାଗି ନ ଥାଏ। ଜିନିଷ ଗଢ଼ିବା ଅପେକ୍ଷା ଭାଙ୍ଗିବା ଖୁବ୍ ସହଜ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ତେଲ ଲଗେଇବ ଆବାଖାବା,**
**ଖାଇ ବସିବ ଆଗା,**
**ଶୋଇ ପଡ଼ିଥିବ ଚିତ୍ ହୋଇ**
**ମାଡ଼ି ବସିଥିବ ଜାଗା ।**

ବହୁ ଲୋକଙ୍କ ମେଳରେ ରହୁଥିବା ବ୍ୟକ୍ତି ଗାଧୋଇବା, ଖାଇବା ତଥା ଶୋଇବାରେ ଯଥାସମ୍ଭବ ଚଞ୍ଚଳତା ଦେଖାଉଥିବାର ଲକ୍ଷ୍ୟ କରାଯାଇଥାଏ। କାରଣ ଏପରି ନ ହେଲେ ପଛକୁ ହଇରାଣରେ ପଡ଼ିବା ଆଶଙ୍କା ରହିଥାଏ। ସୁବିଧାବାଦୀ ବ୍ୟକ୍ତିଙ୍କର ଏପରି ପ୍ରବୃତ୍ତି ରହିଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

### ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ rgdselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



### ସେଲ୍‌ଫି କର୍ନର



@ ଉମାକାନ୍ତ



@ ଜ୍ୟୋତିରାଜ



@ ସଞ୍ଜୟ



@ ଆଶୁତୋଷ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | rgdselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ସଂକ୍ଷେପରେ

### ଦାବିପତ୍ର ଦେଲା ଖ୍ରୀଷ୍ଟିଆନ ମଞ୍ଚ

### ସ୍କୁଲ ନାଁରେ ମିଛ ଅଭିଯୋଗ ଆଣିଛନ୍ତି କୁଚକ୍ରାନ୍ତି ଗୋଷ୍ଠୀ

**ଜୟପୁର,୨୦।୯(ଡି.ଏନ୍.ଏ.):**ଅବିଭକ୍ତ କୋରାପୁଟ ଜିଲା ଖ୍ରୀଷ୍ଟିଆନ ମଞ୍ଚ ପକ୍ଷରୁ ସୂର୍ଯ୍ୟମହଲରେ ପରିଚାଳିତ ଘରୋଇ ପବ୍ଲିକ ସ୍କୁଲକୁ ଅନ୍ୟତ୍ର ସ୍ଥାନାନ୍ତର ଘଟଣାରେ ନିରପେକ୍ଷ ତଦନ୍ତ ଦାବି ହୋଇଛି। ଏନେଇ ଜିଲାପାଳ ଓ ଉପଜିଲାପାଳଙ୍କୁ ଦାବିପତ୍ର ଦେଇଛି ମଞ୍ଚ। ଭୁଲ ତଦନ୍ତ ଓ ତଥ୍ୟ ଉପସ୍ଥାପନ କରାଯାଇ ବିଦ୍ୟାଳୟକୁ ସ୍ଥାନାନ୍ତର ପାଇଁ ପ୍ରଶାସନ ନିର୍ଦ୍ଦେଶ ଦେଇଛି। କିନ୍ତୁ ବିଦ୍ୟାଳୟ ଭବନର ତଦନ୍ତ ପାଇଁ ଯେଉଁ ଯନ୍ତ୍ରୀଙ୍କୁ ନିଯୁକ୍ତ କରାଯାଇଥିଲା, ସେ ଉପରଠାଉରିଆ ଯାଞ୍ଚ କରିବା ସହ ଭୁଲ ତଥ୍ୟ ରିପୋର୍ଟରେ ପ୍ରଦାନ କରିଛନ୍ତି । ଉକ୍ତ ରିପୋର୍ଟକୁ ଆଧାର କରି ପ୍ରଶାସନ ବିଦ୍ୟାଳୟ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦେବା ଦୁର୍ଭାଗ୍ୟଜନକ ବୋଲି ମଞ୍ଚ କହିଛି। ବିଦ୍ୟାଳୟର ପୁରାତନ ଭବନରେ କୌଣସି ଶ୍ରେଣୀର ପାଠପଢ଼ା ହେଉନାହିଁ। ନୂତନ ଭାବେ ନିର୍ମିତ ଭବନରେ ପାଠପଢ଼ା ଚାଲିଛି। ଏହିପରି ଜିଲାର ସଂଖ୍ୟାଲଘୁ ସହ ଅନ୍ୟ ବର୍ଗର ଛାତ୍ରୀଛାତ୍ର ଏଠାରେ ପାଠ ପଢୁଛନ୍ତି। କେତେକ କୁଚକ୍ରାନ୍ତି ଗୋଷ୍ଠୀ ଏହିପରି ବିଭ୍ରାନ୍ତିକର ଅଭିଯୋଗ କରିବା ସହିତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳୁଛନ୍ତି । ତେଣୁ ତୁରନ୍ତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ବିଦ୍ୟାଳୟ ପ୍ରତି ନ୍ୟାୟ ଦିଆଯାଉ ବୋଲି ଦାବି ହୋଇଛି। ମଞ୍ଚର ସଭାପତି ଖ୍ରୀଷ୍ଟଦାନ ତୁରୁକ, ସଂପାଦକ ସଦ୍ୟଦାନ ମହାନନ୍ଦିଆ, ବ୍ରଜ ନାଗ, ଅନୁପ ଟାକ୍ରି ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

### ୨୬ରୁ କୃମି ନିରାକରଣ କାର୍ଯ୍ୟକ୍ରମ

#### ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ରରେ ବଣ୍ଟାଯିବ ଔଷଧ

**ପାରଳାଖେମୁଣ୍ଡି, ୨୦।୯(ସ୍ୱ.ପ୍ର.) :** ଗଜପତି ଜିଲାରେ କୃମି ନିରାକରଣ କାର୍ଯ୍ୟକ୍ରମ କିପରି ସଫଳ ରୂପାୟନ ହୋଇପାରିବ ସେନେଇ ମୁଖ୍ୟ ଚିକିତ୍ସାଧିକାରୀଙ୍କ ପ୍ରଶିକ୍ଷଣ କକ୍ଷରେ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୫ବର୍ଷରୁ ୧୯ବର୍ଷ ପର୍ଯ୍ୟନ୍ତ ବାଳିକା ବାଳକଙ୍କୁ କୃମି ନିରାକରଣ ଔଷଧ ବିତରଣ କରାଯିବ। ଏଥିରେ ଛୋଟ ପିଲାଙ୍କୁ ଶିରପ୍ ଓ ବଡ ପିଲାଙ୍କୁ ବଟିକା ବଣ୍ଟନ ପାଇଁ ନିଷ୍ପତ୍ତି ହୋଇଛି। ଆଗାମୀ ୨୬ତାରିଖରେ ପାରଳାଖେମୁଣ୍ଡି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହେବାକୁ ସ୍ଥିର କରାଯାଇଛି। ଜିଲାର ବିଭିନ୍ନ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁଙ୍କୁ କୃମି ନିରାକରଣ ପାଇଁ ଔଷଧ ବଣ୍ଟାଯିବ। ସେହିଦିନ ଯେଉଁ ପିଲାମାନେ ଏହି କାର୍ଯ୍ୟକ୍ରମରେ କୌଣସି କାରଣରୁ ସାମିଲ ନ ହୋଇପାରିବେ ସେମାନଙ୍କ ପାଇଁ ଅକ୍ଟୋବର ୩ରେ ପୁନର୍ବାର ଏହି କାର୍ଯ୍ୟକ୍ରମ କରାଯିବ ବୋଲି ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ କୁହାଯାଇଛି । ଏଥିରେ କିପରି ଶତ ପ୍ରତିଶତ ପିଲା ସାମିଲ ହୋଇପାରିବେ ସେଥିପାଇଁ ବୈଠକରେ ଉପସ୍ଥିତ ବିଭିନ୍ନ ବିଦ୍ୟାଳୟ ପ୍ରତିନିଧି ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଆହ୍ୱାନ ଦିଆଯାଇଛି । ବୈଠକରେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ପି.କେ.ପାଢ଼ୀ (ପରିବାର କଲ୍ୟାଣ), ଜିଲା ସ୍ୱାସ୍ଥ୍ୟ ପ୍ରକଳ୍ପ ପରିଚାଳକ ସୌମ୍ୟାରାଣୀ ଗୌଡ, ସୁଶାନ୍ତ ନାୟକ, ଏମ୍.କେ. ମୁଜାହିଦ ପ୍ରମୁଖ ଉପସ୍ଥିତ ଥିଲେ ।

### ରାଷ୍ଟ୍ରୀୟ ଶ୍ରମ ଦିବସ

ଭଦ୍ରକ ଅଫିସ, ୨୦।୯: ଭରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଧାମରା ବନ୍ଦର କର୍ମଚାରୀ ସଂଘ ପକ୍ଷରୁ ରାଷ୍ଟ୍ରୀୟ ଶ୍ରମ ଦିବସ ଓ ବିଶ୍ୱକର୍ମା ଜୟନ୍ତୀ ଉତ୍ସବ ପାଳନ କରାଯାଇଛି । ଧାମରା ବନ୍ଦର ନିକଟ ଦୋସିଙ୍ଗାଠାରେ ଅନୁଷ୍ଠିତ ବିଶ୍ୱକର୍ମା ଜୟନ୍ତୀ ତଥା ବିଶ୍ୱକର୍ମାଙ୍କ ପୂଜା ନିମନ୍ତେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ।

■ ରାଜସ୍ୱ ବୈଠକରେ ଜିଲାପାଳଙ୍କ ନିର୍ଦ୍ଦେଶ

# ଜମି ଚିହ୍ନଟ କାର୍ଯ୍ୟ ତ୍ୱରାନ୍ୱିତ କର

**କୋରାପୁଟ,୨୦।୯(ସ୍ୱ.ପ୍ର.)**

କୋରାପୁଟଠାରେ ଜିଲାସ୍ତରୀୟ ରାଜସ୍ୱ ବୈଠକ ଗୁରୁବାର ସ୍ଥାନୀୟ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଛି। ଏଥିରେ ହିତାଧିକାରୀଙ୍କ ଜଙ୍ଗଲ ଜମି ପଟ୍ଟ ପ୍ରଦାନ କରିବା ସହିତ ତୁରନ୍ତ ଜମି ଚିହ୍ନଟ କରିବା ପାଇଁ ଜିଲାପାଳ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କୋରାପୁଟ ଉପଜିଲାପାଳ ଲଳିତ କୁମାର କଅଁର, ଜୟପୁର ଉପଜିଲାପାଳ, ଜୟପୁର ବନଖଣ୍ଡ ଅଧିକାରୀ ତଥା ଭାରପ୍ରାପ୍ତ କୋରାପୁଟ ବନଖଣ୍ଡ ଅଧିକାରୀ ଅଶ୍ୱିନୀ କୁମାର କର, କୋରାପୁଟ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଡ. ମନୋରଞ୍ଜନ ନାୟକ, କୋରାପୁଟ ଏସିଏଫ ରଞ୍ଜନ କୁମାର ନାଗଙ୍କ ସମେତ ଜିଲାର ସମସ୍ତ ତହସିଲଦାର ଉପସ୍ଥିତ ଥିଲେ। ବିଶେଷ କରି ଜଙ୍ଗଲ ଜମି ପଟ୍ଟା ପ୍ରଦାନ ଓ ପଟ୍ଟାର ସରହଦ ଚିହ୍ନଟ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ କୋରାପୁଟ ଜିଲାରେ ଏଯାବତ୍ ସର୍ବମୋଟ ୨୯ ହଜାର ୪୧ଟି ଜମିପଟ୍ଟା ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିବା ବେଳେ ସେଥିରୁ ୨ ହଜାର ୬୭୭ ଜଣଙ୍କୁ ଜଙ୍ଗଲ ଜମିପଟ୍ଟା ପ୍ରଦାନ କରାଯାଇଛି। ୨୬ ହଜାର ୩୬୪ ଜଣଙ୍କୁ ରାଜସ୍ୱ ଜମିରେ ପଟ୍ଟା ଦିଆଯାଇଛି । ବର୍ତ୍ତମାନ ସୁଦ୍ଧା ଜିଲାର ୯୩୭ଟି ଜଙ୍ଗଲରେ ଥିବା ପଟ୍ଟାର ସରହଦ ସଂପୃକ୍ତ ଅଞ୍ଚଳର ତହସିଲଦାରଙ୍କ ଦ୍ୱାରା ଚିହ୍ନଟ କରାଯାଇଛି। ୫ ହଜାର ୭୫ଟି ରାଜସ୍ୱ ଜମି ପଟ୍ଟା ହିତାଧିକାରୀଙ୍କୁ ମିଳିଛି । ସେହିପରି କୋରାପୁଟ ସବଡିଭିଜନରେ ନୂଆକରି ଜଙ୍ଗଲ ଜମିପଟ୍ଟା ପାଇଁ ୧୫୬ ଜଣ ଆବେଦନ କରିଛନ୍ତି। ସେହିପରି ଜିଲାରେ ଚଳିତ ବର୍ଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରାଜସ୍ୱକୁ ତୁରନ୍ତ ଆଦାୟ କରିବା ପାଇଁ ଜିଲାପାଳ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ପ୍ରତିଶ୍ରୁତି ପରେ ଅନଶନ, ଧାରଣା ସ୍ଥଗିତ

**ଜୟପୁର,୨୦।୯(ଡି.ଏନ୍.ଏ.)**

ଜୟପୁରରେ ଜାତୀୟ ରାଜପଥ ନୂତନ ଭାବେ ନିର୍ମାଣ କରାଯିବା ସମେତ ୫ଦଫା ଦାବି ନେଇ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗତ ଦୁଇଦିନ ଧରି ଧାରଣା ଚାଲିଥିଲା। ତେବେ ଭୁବନେଶ୍ୱରସ୍ଥିତ ବିଭାଗୀୟ କର୍ତ୍ତୃପକ୍ଷ ଚିଠି କରି କେତେକ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେବା ପରେ ଗୁରୁବାର ରାତି ସାଢେ ୮ଟାରେ ଅନଶନ ସ୍ଥଗିତ ରହିଛି। ଆସନ୍ତା ୨୨ରେ ହେବାକୁ ଥିବା ଜୟପୁର ବନ୍ଦ ମଧ୍ୟ ସ୍ଥଗିତ ରଖାଯାଇଥିବା ଆନ୍ଦୋଳନର ଆବାହକ ରବୀନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

ଗତ ମଙ୍ଗଳବାରଠାରୁ ଜିଲାର ଜନସାଧାରଣ ଧାରଣା ଦେଇଥିବା ବେଳେ ବୁଧବାରଠାରୁ ତିନି ଜଣ ସଦସ୍ୟ ଅନଶନରେ ବସିଥିଲେ। ଏହାପରେ ବିଭାଗ ପକ୍ଷରୁ ଏକ ଜରୁରୀ ବୈଠକ ଭୁବନେଶ୍ୱରଠାରେ ଡକାଯାଇଥିଲା । ଏଥିରେ ଜୟପୁର ଜତୀୟ ରାଜପଥ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଯୋଗ ଦେଇଥିଲେ । ବାରିଣିପୁଟରୁ ବୋରିଗୁମ୍ମା ମଧ୍ୟରେ ୫ କିଲୋମିଟର ରାସ୍ତାକୁ ପୁନଃ ନିର୍ମାଣ କରାଯିବ । ସେହିପରି ଜୟପୁର ସହର ମଧ୍ୟରେ ଗାନ୍ଧିଛକରୁ ଟ୍ରାଫିକ ଛକ ପର୍ଯ୍ୟନ୍ତ ରାସ୍ତାରେ ନିର୍ମାଣ ହୋଇଥିବା ଡିଭାଇଡରରେ ବୈଷୟିକ ତ୍ରୁଟି ରହିଥିବା ଯୋଗୁଁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି । ତେଣୁ ଏହାର ପୁନଃ ନିର୍ମାଣ କରାଯିବା ସହିତ ସୌନ୍ଦର୍ଯ୍ୟକରଣ ପାଇଁ ସେଥିରେ ଗଛ ଓ ଲାଇଟ ବ୍ୟବସ୍ଥା କରାଯିବ । ବାରିଣିପୁଟ ଘାଟିରୁ ବୋରିଗୁମ୍ମା ୪ ଲାଇନ ବିଶିଷ୍ଟ ରାସ୍ତା ପାଇଁ ୧୦୦ କୋଟି ଟଙ୍କାର ପ୍ରକଳ୍ପ ରିପୋର୍ଟକୁ ତୁରନ୍ତ ମଞ୍ଜୁର କରାଯାଇ ଟେଣ୍ଡର ଆହ୍ୱାନ କରାଯିବ ବୋଲି କର୍ତ୍ତୃପକ୍ଷ ଜଣାଇଛନ୍ତି । ଭୁବନେଶ୍ୱର ଉଚ୍ଚ କର୍ତ୍ତୃପକ୍ଷ ଚିଠି ନେଇ ସ୍ଥାନୀୟ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଏ. ମହାଲିକ ପ୍ରତିଶ୍ରୁତି ପତ୍ର ଧାରଣାସ୍ଥଳରେ ପ୍ରଦାନ କରିବା ପରେ ଅନଶନକୁ ଭଙ୍ଗ କରାଯାଇଥିଲା ।



ଧାରଣାସ୍ଥଳରେ ନିର୍ବାହୀ ଯନ୍ତ୍ରୀ ଏ. ମହାଲିକ ପ୍ରତିଶ୍ରୁତିପତ୍ର ପ୍ରଦାନ କରୁଛନ୍ତି।

## ହତ୍ୟା ଘଟଣାରେ ଜେଲ ଗଲେ ସ୍ୱାମୀ

### ଦ୍ୱିତୀୟ ସ୍ତ୍ରୀଙ୍କୁ ପୋଲିସର ଜେରା

**ମୋହନା,୨୦।୯(ଡି.ଏନ୍.ଏ.)**

ଅଡବା ଥାନା ପାଣିଗଣ୍ଡା ପଞ୍ଚାୟତ ବୁଢାଡିହ ଗାଁରେ ମଙ୍ଗଳବାର ସ୍ୱାମୀଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀଙ୍କ ହତ୍ୟା ଘଟଣାରେ ଅଭିଯୁକ୍ତ ସ୍ୱାମୀ ମିଟୁ ମଣ୍ଡଳଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିବା ଅଡବା ଥାନା ଅଧିକାରୀ ମୁକେଶ ଲାକ୍ରା କହିଛନ୍ତି। ଏହି ଘଟଣାରେ ତାଙ୍କ ଦ୍ୱିତୀୟ ସ୍ତ୍ରୀଙ୍କୁ ପଚରାଉଚରା ଜାରି ରହିଛି। ତଥ୍ୟ ହାସଲ ପରେ ତାଙ୍କୁ ମଧ ଗିରଫ କରାଯିବ ବୋଲି ଅଡବା ଥାନା ଅଧିକାରୀ ମୁକେଶ ଲାକ୍ରା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ମିଟୁ ତାଙ୍କ ପ୍ରଥମ ସ୍ତ୍ରୀ ସୁନ୍ଦରଗଡ ଗାଁର ସସ୍ମିତା ଶବରଙ୍କୁ ଗତ ସୋମବାର ରାତିରେ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଏନେଇ ତାଙ୍କ ଶଶୁରଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ମିଟୁଙ୍କୁ ଗିରଫ କରିଥିଲା। ତାଙ୍କ ଦ୍ୱିତୀୟ ସ୍ତ୍ରୀଙ୍କ ଭୂମିକାକୁ ନେଇ ସନ୍ଦେହ ଥିବାବେଳେ ତାଙ୍କୁ ମଧ ପଚରାଉଚରା ଜାରି ରହିଛି।



କାଠ ପୋଲରେ ବାଇକ୍‌ରେ ଯାତ୍ରୀ ଯାଉଛନ୍ତି ।

## ୨୦ ବର୍ଷ ହେଲା ଅର୍ଦ୍ଧନିର୍ମିତ ଅବସ୍ଥାରେ ପୋଲ

■ କାଠ ପଟି ପକାଇ କାମ ଚଳାଉଛନ୍ତି ଲୋକେ

**ବୈପାରୀଗୁଡ଼ା,୨୦।୯(ଡି.ଏନ୍.ଏ.)**

ବୈପାରୀଗୁଡ଼ା ବ୍ଲକ ଚିପାକୁର ପଞ୍ଚାୟତ ସହ ସଂଯୋଗ କରୁଥିବା ଦଳପୁର-ଚିପାକୁର ରାସ୍ତାର ଏ ହେଉଛି ଏକ ଚିତ୍ର। ୨୦ ବର୍ଷ ତଳେ ଫୁଲଡାବା ନିକଟସ୍ଥ ଏହି ନାଳ ଉପରେ ବ୍ଲକ ପ୍ରଶାସନ ପକ୍ଷରୁ ଏକ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ତେବେ ନିର୍ମାଣ ଦାୟିତ୍ୱରେ ଥିବା ଠାକାଦାର ପୋଲ ଉପରେ ସ୍ଲାବ ନ ପକାଇ ଛାଡିଦେଲେ । ସେବେଠାରୁ ଉକ୍ତ ଅର୍ଦ୍ଧନିର୍ମିତ ପୋଲ ଉପରେ ପ୍ରଶାସନର ଆଉ ଦୃଷ୍ଟି ନାହିଁ। ଏହି ରାସ୍ତାଦେଇ ଉକ୍ତ ପଞ୍ଚାୟତର ଶହ ଶହ ଲୋକେ ଓ ଗାଡ଼ି ମୋଟର ଯିବା ଆସିବା କରିଥାଏ । ଖରାଦିନେ ନାଳ ଶୁଖିଲା ପଡୁଥିବାରୁ ସମସ୍ୟା ନ ଥାଏ ; କିନ୍ତୁ ବର୍ଷାଦିନେ ନାଳରେ ପାଣି ଭରିଯିବାରୁ ସମସ୍ୟା ହୋଇଥାଏ । ପ୍ରଶାସନ ପାଖରେ ଯେତେ ଅଭିଯୋଗ କଲେ ବି କେହି ଶୁଣୁନାହାନ୍ତି। ଶେଷରେ ଲୋକେ କାଠ ପଟି ପକାଇ ବିପଦସଙ୍କୁଳ ଅବସ୍ଥାରେ ଯିବା ଆସିବା କରନ୍ତି। ତୁରନ୍ତ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ସରପଞ୍ଚ ଭଗବତୀ ହନ୍ତାଳ ଦାବି କରିଛନ୍ତି।

## ହିନ୍ଦୀଭାଷାର ଗୁରୁତ୍ୱ ବୁଝାଇଲେ ଅତିଥି



ମଞ୍ଚାସୀନ ଅତିଥିଙ୍କ ସହ ଛାତ୍ରୀମାନେ ।

**ବୈପାରୀଗୁଡ଼ା,୨୦।୯(ଡି.ଏନ୍.ଏ.)**

ସ୍ଥାନୀୟ ନୋଡାଲ ପ୍ରାଥମିକ ବିଦ୍ୟାଳୟରେ କୋରାପୁଟ ସ୍ଥିତ ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ହିନ୍ଦୀ ଦିବସ ପାଳିତ ହୋଇଛି। ଏଥିରେ ସଭାପତିତ୍ୱ କରିଥିଲେ ଯୁବକେନ୍ଦ୍ରର ସେଚ୍ଛାସେବୀ ପି. ସତୀଶ କୁମାର । ମୁଖ୍ୟ ଅତିଥି ଭାବେ ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିରେଖା ଖିଲାଡି ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଶିକ୍ଷୟିତ୍ରୀ ସଙ୍ଗୀତା ପାଣିଗ୍ରାହୀ, ସଂଘମିତ୍ରା ଭୋଇ, ସୌଭାଗ୍ୟବତୀ ମିଶ୍ର, ଶୁଭଶ୍ରୀ ସେଠୀ, ସୁଭଦ୍ରା ସ୍ୱାଇଁ, ତାଇମତୀ ନନ୍ଦିବାଲି ଓ ଜୟମାଲୀ ମିଶ୍ର ଉପସ୍ଥିତ ଥିଲେ। ଏହି ଅବସରରେ ଏକ ପ୍ରବନ୍ଧ ପ୍ରତିଯୋଗିତା କରାଯାଇ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା ।

## ଆମ୍ବ ଗଛ ପଡ଼ି ବିଦ୍ୟୁତ୍ ସେବା ବ୍ୟାହତ

**କୋରାପୁଟ,୨୦।୯(ସ୍ୱ.ପ୍ର.):** କୋରାପୁଟରେ ଗୁରୁବାର ସକାଳୁ ପ୍ରବଳ ବର୍ଷା ଲାଗି ରହିଥିବାରୁ ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି। ରାତି ୮ରେ ସ୍ଥାନୀୟ କଳାନିକେତନ ଛକସ୍ଥ ଏକ ପୁରୁଣା ଆମ୍ବଗଛ ଉପୁଡ଼ି ରାସ୍ତାରେ ପଡ଼ିଯାଇଛି। ଗଛଟି ନିକଟସ୍ଥ ବିଦ୍ୟୁତ୍ ଖୁଣ୍ଟ ତାରରେ ପଡ଼ିବାରୁ ଏହା ଛିଣ୍ଡି ପଡ଼ିଛି। ଫଳରେ ଜାତୀୟ ରାଜପଥ ନଂ ୨୬ରେ କିଛି ସମୟ ପାଇଁ ଗମନାଗମନ ବାଧାପ୍ରାପ୍ତ ହୋଇଥିଲା। ଏହାସହ ସହରକୁ ବିଦ୍ୟୁତ୍ ସେବା ବନ୍ଦ ରହିଥିଲା। ଗଛ କଟାଯାଇ ରାସ୍ତା ଅବରୋଧ ହଟାଇ ଦିଆଯାଇଛି। ବିଦ୍ୟୁତ୍ ସେବା ସ୍ୱାଭାବିକ କରିବା ପାଇଁ କୋରାପୁଟ ସାଉଥକୋ ଯନ୍ତ୍ରୀ ମନୋରଞ୍ଜନ ମାଥାଙ୍କ ନେତୃତ୍ୱରେ ୨୦ରୁ ଊର୍ଦ୍ଧ୍ୱ କର୍ମଚାରୀ ସଜାଡ଼ିବା କାମରେ ଲାଗିଛନ୍ତି।

■ ଜଗନ୍ନାଥ ସାଗରର ପୁନରୁଦ୍ଧାର ପ୍ରସଙ୍ଗ

## ଜବରଦଖଲ ଉଚ୍ଛେଦ ସହ ବିକାଶ ପାଇଁ ଦାବିପତ୍ର

**ଜୟପୁର,୨୦।୯(ନି.ପ୍ର.)**

ଜୟପୁର ସ୍ଥିତ ଐତିହାସିକ ଜଗନ୍ନାଥ ସାଗରର ବିକାଶ କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି । ଏହାକୁ ଜୟପୁରବାସୀ ସ୍ୱାଗତ କରିଛନ୍ତି। କିନ୍ତୁ ସାଗରର ଚାରିପଟେ ଶହ ଶହ ଏକର ଜମି ଜବରଦଖଲ ହୋଇଛି । ଏହାକୁ ପ୍ରଥମେ ଉଚ୍ଛେଦ କରି ପରେ ବିକାଶ କରିବା ପାଇଁ ଜୟପୁର ନାଗରିକ କମିଟି ଜିଲାପାଳ ଓ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛି। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ପର୍ଯ୍ୟଟନ ସ୍ଥଳୀ ଭାବରେ ଐତିହାସିକ ଜଗନ୍ନାଥ ସାଗର ପୁନଃ ଉଦ୍ଧାର ଓ ସୌନ୍ଦର୍ଯ୍ୟକରଣ କରିବାକୁ ପଦକ୍ଷେପ ନିଆଯାଉଛି । କିନ୍ତୁ ଖ୍ରୀଷ୍ଟିଆନପେଟାର ମୁଖ୍ୟନାଳ, ବସଷ୍ଟାଣ୍ଡ ଅଞ୍ଚଳ ପାଇକ ସାହିର ନାଳରେ ଆବର୍ଜନା ପାଣି ଆସି ସାଗରରେ ମିଶୁଛି । ଫଳରେ ସାଗରର ପାଣି ଦୂଷିତ ହୋଇଛି । ଏହା ସହ ସାଗରର ଚାରିପଟେ ଜବରଦଖଲ କରିଥିବା ବ୍ୟକ୍ତିବିଶେଷମାନେ ବି ଆବର୍ଜନା ପାଣି ଛାଡ଼ିବା ସହ ସାଗର ପରିବେଶ ପ୍ରଦୂଷିତ କରୁଛନ୍ତି। ବର୍ତ୍ତମାନ ଜବରଦଖଲକାରୀଙ୍କୁ ସରକାର ପଟ୍ଟା ଦେବା ବ୍ୟବସ୍ଥା କରୁଛନ୍ତି । ପ୍ରଶାସନ ସେମାନଙ୍କୁ ଉଚ୍ଛେଦ କରି ସାଗରର ବିକାଶ କରିବା ପାଇଁ ଅନୁରୋଧ କରାଯାଇଛି ।

# ଆଦର କିଣିପାରିଛନ୍ତି ବୁଲା ବିକାଳି



ଗ୍ରାହକଙ୍କ ଗହଣରେ ବ୍ୟବସାୟୀ ।

**ଦଶମନ୍ତପୁର, ୨୦।୯(ଡି.ଏନ୍.ଏ.)**

■କୋରାପୁଟରେ ୪୦ ପଶ୍ଚିମବଙ୍ଗର ବୁଲା ବିକାଳି

■୮ ମାସ ବ୍ୟବସାୟ, ୪ ମାସ ପରିବାରକୁ ସମୟ

■ଅଳ୍ପ ନିବେଶରେ ଭଲ ରୋଜଗାର

କୋରାପୁଟ ଜିଲାରେ ବାହାର ରାଜ୍ୟର ବୁଲା ବିକାଳିଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ବିଶେଷ କରି ପଶ୍ଚିମବଙ୍ଗ ରାଜ୍ୟରୁ ବ୍ୟବସାୟୀମାନେ କୋରାପୁଟକୁ ଆସି ବିଭିନ୍ନ ଗାଁ ଗହଳିରେ ବ୍ୟବସାୟ ଜାରି ରଖୁଛନ୍ତି। ମୁଖ୍ୟତଃ ଫେରିବାଲା ଏବଂ ଚୁଡି ଓ ଖେଳନା ବ୍ୟବସାୟୀମାନେ ଗାଁ ଗହଳିର ମହିଳା ଏବଂ ପିଲାଙ୍କ ମନଜିଣି ବ୍ୟବସାୟ କରିଥାନ୍ତି। ଏଥିରେ ବ୍ୟବସାୟୀ ଏବଂ ଗ୍ରାହକ ଉଭୟେ ଖୁସ୍ । ଅଳ୍ପ ମୂଲ୍ୟରେ ଦୁଆର ମୁଣ୍ଡରେ ଜିନିଷ ମିଳିବା ସହ ଘରର ଅଦରକାରୀ ଚୁଟି ଆଦି ସାମଗ୍ରୀ ବଦଳରେ ଜିନିଷ ମିଳୁଥିବାରୁ ବ୍ୟବସାୟ ଭଲ ହୁଏ । ବ୍ୟବସାୟୀମାନେ ମଧ୍ୟ ଭଲ ଦି' ପଇସା କମାଉଥିବା କହିଛନ୍ତି। ସାଇକେଲରେ ବେଶି ଭାରି ଜିନିଷ ବହନ କରିବା କଷ୍ଟ। କିନ୍ତୁ ବେଲୁନ ପ୍ରଭୃତି ପ୍ଲାଷ୍ଟିକ୍ ଏବଂ ଝିଅ ଓ ମହିଳାଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦୂରକୁ ନେଇ ବ୍ୟବସାୟ କରିବା ସହଜ ବୋଲି ବ୍ୟବସାୟୀମାନେ କୁହନ୍ତି। ଏଭଳି ବ୍ୟବସାୟ କୋରାପୁଟ ଜିଲା ଦଶମନ୍ତପୁରରେ ଦିନକୁ ଦିନ ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି। ଉକ୍ତ ବ୍ଲକ ସଦରସ୍ଥିତ ମାଣ୍ଡିଆ ଗୁଡ଼ା ଗ୍ରାମରେ ବାହାର ରାଜ୍ୟର ବ୍ୟବସାୟୀମାନେ ଭିଡ଼ ଜମାଉଥିବା ଜଣାପଡ଼ିଛି। ପଶ୍ଚିମବଙ୍ଗର ମୁର୍ସିଦାବାଦରୁ ପ୍ରାୟ ୪୦ ଜଣ ବ୍ୟବସାୟୀ କୋରାପୁଟ ଜିଲାରେ ବ୍ୟବସାୟ କରି ପେଟପାଟଣା ପୋଷୁଛନ୍ତି। ଦଶମନ୍ତପୁର ବ୍ଲକରେ ୪ ଜଣ ବ୍ୟବସାୟୀ ବୁଲି ବିକୁଥିବା ଜଣାପଡ଼ିଛି। ଏମାନେ ୮ ମାସ ଏଠାରେ ରହି ବ୍ୟବସାୟ କରିଥାନ୍ତି। ଯାହା ଅର୍ଥ ଉପାର୍ଜନ କରନ୍ତି ନିଜ ରାଜ୍ୟକୁ ଯାଇ ସେଠାରେ ପରିବାର ସହ ବାକି ୪ ମାସ ସମୟ ବିତାଉଥିବା କହିଛନ୍ତି।

### ଏମାନେ କ'ଣ କୁହନ୍ତି......



"ଆମକୁ ହଠାତ୍ ଯେଉଁ ଜିନିଷ ଆବଶ୍ୟକ ପଡ଼େ, ଏହି ବ୍ୟବସାୟୀମାନେ ଆସୁଥିବାରୁ ସେମାନଙ୍କଠାରୁ ଜିନିଷ କିଣିଥାଉ।

–ଚଞ୍ଚଳା ମିଣିଆକା



"ଆମ ପିଲାମାନେ କାନ୍ଦୁଥିବା ସମୟରେ ଏହି ବ୍ୟବସାୟୀମାନେ ବିକ୍ରି କରିବାକୁ ଆସୁଥିବାରୁ ସେମାନଙ୍କଠାରୁ ଖେଳନା କିଣି ପିଲାଙ୍କୁ ବୁଝାଇଦେଇଥାଉ।

–ବନ ପ୍ରେସିକା



"ଦୋକାନ ବଜାର ଅପେକ୍ଷା ଏହି ବ୍ୟବସାୟୀଙ୍କଠାରୁ କମ୍ ଦରରେ ଜିନିଷ ପାଇଥାଉ ।

– ସତ୍ୟ ମିଣିଆକା



"ଘରର ଅଦରକାରୀ ଜିନିଷ ଫିଙ୍ଗିଦେବା ଅପେକ୍ଷା, ଏହି ବ୍ୟବସାୟୀଙ୍କୁ ଚୁଟି, ପ୍ଲାଷ୍ଟିକ୍ ପ୍ରଭୃତି ଦେଇ ଦରକାରୀ ଜିନିଷ କିଣିଥାଉ।

–ରତ୍ନା ହିକକା

## ନାଲ୍‌କୋ ସେଣ୍ଟ୍ରାଲ୍ ପୂଜା ମଣ୍ଡପ କମିଟି ପକ୍ଷରୁ ସେକ୍ଟର-୧ ପଡ଼ିଆ: ବିଶ୍ୱକର୍ମା ପୂଜାରେ ବିଭିନ୍ନ କୁଞ୍ଜରେ ସ୍ୱତନ୍ତ୍ର ସାଜସଜ୍ଜା



ଭୀଷ୍ମଙ୍କ ଶରଶଯ୍ୟା ।



ବିଷ୍ଣୁଙ୍କ ଗଜ ଉଦ୍ଧାରଣ ।



ଗଙ୍ଗାଙ୍କୁ ଧରାପୃଷ୍ଠକୁ ଆବାହନ ।



ନିଶା ନିବାରଣ ସଚେତନତା ।

## ସଂକ୍ଷେପରେ



### ଅଗ୍ନିକାଣ୍ଡରେ ପୋଡ଼ିଗଲା ୨ ବାଇକ, ଘର

**ଜୟପୁର,୨୦।୯(ନି.ପ୍ର.):** ଜୟପୁର ଡଙ୍ଗାଗୁଡ଼ା ହାଉସିଂ କଲୋନିରେ ଅଗ୍ନିକାଣ୍ଡ ଘଟିଛି। ସହଦେବ ସାହୁ ଓ ରମେଶ ଚନ୍ଦ୍ର ପଣ୍ଡା ସେଠାରେ ରହୁଥିବା ବେଳେ ତାଙ୍କ ଅନୁପସ୍ଥିତି ସମୟରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ୨ଟି ବାଇକ, ଘର ଓ ଆସବାବପତ୍ର ପୋଡ଼ିଯାଇଛି । ଦମକଳ ବିଭାଗ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସଟ୍ ସର୍କିଟ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଛି । ଜୟପୁର ଅଗ୍ନିଶମ ବାହିନୀ ପକ୍ଷରୁ ସହକାରୀ ଅଗ୍ନିଶମ ଅଧିକାରୀ କୁନୁ ନାୟକଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ରହି ନିଆଁକୁ ଆୟତ୍ତ କରିଥିଲେ।

### ଅତିଥି ଶିକ୍ଷଣ କାର୍ଯ୍ୟକ୍ରମ

**ଜୟପୁର,୨୦।୯(ନି.ପ୍ର.):** ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଭ୍ରମଣ ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଏକ ଅତିଥି ଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକ ପ୍ରାରମ୍ଭରେ ଅତିଥି ଶିକ୍ଷକ ନିହାର ରଞ୍ଜନ ବିଷୋୟୀଙ୍କ ପରିଚୟ କରାଇଥିଲେ। ବିଷୋୟୀ ଉକ୍ତ ବିଦ୍ୟାଳୟର ପୁରାତନ ଛାତ୍ର ରହିଥିବା ସହ ସ୍ଥାନୀୟ ଏକ ହୋଟେଲର ମାଲିକ ଅଟନ୍ତି । ସେ ବିଦ୍ୟାଳୟକୁ ଶିକ୍ଷାଦାନ ପାଇଁ ଆସିଥିବାରୁ ପ୍ରଧାନ ଶିକ୍ଷକ ଗର୍ବିତ ବୋଲି କହିଥିଲେ। ପରେ ବିଷୋୟୀ ନବମ ଓ ଦଶମ ଶ୍ରେଣୀର ପ୍ରାୟ ୪୫ ଜଣ ଛାତ୍ରୀଛାତ୍ରଙ୍କୁ ପର୍ଯ୍ୟଟନର ଉପାଦାନ ଓ ପର୍ଯ୍ୟଟନ ମନ୍ତ୍ରାଳୟ ବିଷୟରେ ଶିକ୍ଷା ଦେଇଥିଲେ। ବିଦ୍ୟାଳୟର ଭ୍ରମଣ ଓ ପର୍ଯ୍ୟଟନ ବିଭାଗର ଧନ୍ଦାମୂଳକ ପ୍ରଶିକ୍ଷିକା ସୁବର୍ଣ୍ଣ କୁମାରୀ ଖିଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିକ୍ଷକ ଜୟପ୍ରକାଶ ଚନ୍ଦ୍ର ମିଶ୍ର ଏଥିରେ ଉପସ୍ଥିତ ଥିଲେ।

### ବିଦ୍ୟାଳୟର ମନ୍ତ୍ରିମଣ୍ଡଳ ଗଠିତ

**ଜୟପୁର,୨୦।୯(ନି.ପ୍ର.):** ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଚଳିତ ଶିକ୍ଷା ବର୍ଷ ପାଇଁ ମନ୍ତ୍ରିମଣ୍ଡଳ ଗଠିତ ହୋଇଛି। ଶିକ୍ଷକ ବିଶ୍ୱରଞ୍ଜନ ଗୌଡ଼, ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ସହଯୋଗରେ ପ୍ରଧାନ ଶିକ୍ଷକ ଏଥିପାଇଁ ନିର୍ବାଚନ କରାଇଥିଲେ। ଅପରାହ୍ଣରେ ଭୋଟ ଗଣତି କରାଯାଇ ବିଭିନ୍ନ ବିଭାଗର ମନ୍ତ୍ରୀଙ୍କ ନାମ ଘୋଷଣା କରାଯାଇଥିଲା। ମୁକୁନ୍ଦ ନାୟକ ମୁଖ୍ୟମନ୍ତ୍ରୀ, ପଙ୍କଜ ବେହେରା ଶିକ୍ଷାମନ୍ତ୍ରୀ, ପୂର୍ଣ୍ଣ ଶିଶା କ୍ରୀଡ଼ା ଓ ସଂସ୍କୃତି ମନ୍ତ୍ରୀ, ସଞ୍ଜିତ ପୂଜାରୀ ଖାଦ୍ୟମନ୍ତ୍ରୀ, ସୁନା ଘଙ୍ଗଡା ମାଝୀ ପରିବେଶ ମନ୍ତ୍ରୀ, ପ୍ରଶାନ୍ତ ମାର୍ଣ୍ଡି ସ୍ୱାସ୍ଥ୍ୟ ଓ ପରିମଳ ମନ୍ତ୍ରୀ ଓ ମିନାକ୍ଷୀ ନାୟକ ମୀନା ମନ୍ତ୍ରୀ ଘୋଷିତ ହୋଇଛନ୍ତି। ୨୪ ତାରିଖରେ ଶପଥ ପାଠ ଗ୍ରହଣ ଅନୁଷ୍ଠିତ ହେବ।

# ସ୍କୁଲରେ ତାଲା ପକାଇଲେ ଅଭିଭାବକ

**ଦଶମନ୍ତପୁର,୨୦।୯(ଡି.ଏନ୍.ଏ.):**




ଅଭିଭାବକମାନେ ସ୍କୁଲ ଶ୍ରେଣୀଗୃହରେ ତାଲା ପକାଉଛନ୍ତି ।

- ବିଦ୍ୟାଳୟକୁ ନିୟମିତ ଆସୁ ନାହାନ୍ତି ଶିକ୍ଷୟିତ୍ରୀ
- ବଦଳି ନହେଲେ ଅନିର୍ଦ୍ଦିଷ୍ଟ ବନ୍ଦ ରଖିବା ଚେତାବନୀ

ବିଦ୍ୟାଳୟକୁ ଶିକ୍ଷୟିତ୍ରୀ ଆସୁ ନ ଥିବାରୁ ଅଭିଭାବକମାନେ ତାଲା ପକାଇଦେଇଛନ୍ତି। କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପାଇକ ଫୁଲବେଡ଼ା ଗ୍ରାମପଞ୍ଚାୟତ ଅଧୀନ ଅଳନାଗୁଡା ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏପରି ଘଟିଛି। ଏହି ବିଦ୍ୟାଳୟ ୧୯୮୧ରେ ସ୍ଥାପିତ ହୋଇଥିଲା । ଏଠାରେ ୩୩ ଜଣ ବିଦ୍ୟାର୍ଥୀ ଅଧ୍ୟୟନ କରନ୍ତି । ୨ ଜଣ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି କରାଯାଇଛି । ତେବେ ଏସ୍ଏମ୍ସି କମିଟି ସଦସ୍ୟ, ଅଭିଭାବକ ଏବଂ ସରପଞ୍ଚ ହିରାମଣି ଗଦବାଙ୍କ କହିବାନୁସାରେ ନିଯୁକ୍ତ ଶିକ୍ଷୟିତ୍ରୀମାନେ ପ୍ରତ୍ୟେକ ଦିନ ପାଳି କରି ବିଦ୍ୟାଳୟକୁ ଆସୁଛନ୍ତି। ସପ୍ତାହରେ କେବଳ ୨ ଦିନ ମାତ୍ର ବିଦ୍ୟାଳୟରେ ଉପସ୍ଥିତ ରହୁଛନ୍ତି। ପିଲାଙ୍କୁ ପୋଷାକ ଦିଆଯାଉନି। ପିଲାଙ୍କୁ ମଧ୍ୟାହ୍ନଭୋଜନ ନିମ୍ନମାନର ଖାଇବାକୁ ଦିଆଯାଉଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ଏବଂ ଜିଲା ଶିକ୍ଷାଧିକାରୀଙ୍କୁ ଲିଖିତ ଏବଂ ମୌଖିକ ଅଭିଯୋଗ କରାଯାଇଛି। କିନ୍ତୁ କୌଣସି ସୁଫଳ ମିଳିନାହିଁ। ଗୁରୁବାର ମଧ ପିଲା ପହଞ୍ଚି ଦୀର୍ଘ ଘଣ୍ଟା ଅପେକ୍ଷା କରିବା ପରେ ଶିକ୍ଷୟିତ୍ରୀମାନେ ବିଦ୍ୟାଳୟକୁ ଆସି ନଥିଲେ। ଫଳରେ ବାଧ ହୋଇ ବିଦ୍ୟାଳୟରେ ତାଲା ପକାଯାଇଛି ବୋଲି ହିରାମଣି କହିଛନ୍ତି। ଜିଲାପାଳଙ୍କ ଉଦ୍ଦେଶ୍ୟରେ ସିଆରସିସି କୈଳାଶଚନ୍ଦ୍ର ପ୍ରଧାନଙ୍କୁ ଦାବିପତ୍ର ଦେଇଥିବା ସେ କହିଛନ୍ତି। ଅଭିଭାବକମାନେ ପୁଣି କହିଛନ୍ତି ଯେ, ଆମେ ଶିକ୍ଷୟିତ୍ରୀଙ୍କୁ କାହିଁକି ବିଦ୍ୟାଳୟ ଆସୁନାହଁ ବୋଲି ପ୍ରଶ୍ନ କଲେ ସେମାନେ ବିଭିନ୍ନ ଭାଷାରେ ଧମକ ଦେଉଛନ୍ତି। ଶିକ୍ଷୟିତ୍ରୀଙ୍କ ଏଭଳି ବେଖାତିର କାର୍ଯ୍ୟକୁ ସିଆରସିସିମାନେ ପ୍ରୋତ୍ସାହନ ଦେଉଥିବା ନେଇ ପ୍ରଶ୍ନ ଉଠାଇଛନ୍ତି ଅଭିଭାବକ। ଶିକ୍ଷୟିତ୍ରୀଙ୍କୁ ବଦଳି କରି ନୂତନ ଶିକ୍ଷକ ନିଯୁକ୍ତି କରିବାକୁ ଦାବି ହୋଇଛି। ନଚେତ୍ ୨୪ରେ ବିଇଓଙ୍କ କାର୍ଯ୍ୟାଳୟରେ ପିଲା ଏବଂ ଅଭିଭାବକ ଧାରଣା ଦେବା ସହ ବିଦ୍ୟାଳୟ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରିବା ପାଇଁ ଚେତାବନୀ ଦେଇଛନ୍ତି। ଘଟଣା ସମ୍ପର୍କରେ ଜିଲାପାଳଙ୍କୁ ଖୁବଶୀଘ୍ର ଅବଗତ କରାଇବେ ବୋଲ ସିଆର୍ସିସି ପ୍ରଧାନ କହିଛନ୍ତି।

- ବିପଦସଙ୍କୁଳ ଶ୍ରେଣୀଗୃହ ପ୍ରସଙ୍ଗ

# ସିଡବ୍ଲ୍ୟୁସି ଆଗରେ ହାଜର ହେବେ ସ୍କୁଲ ଅଧ୍ୟକ୍ଷ

**ଜୟପୁର,୨୦।୯(ଡି.ଏନ୍.ଏ.)**

ଜୟପୁର ସୂର୍ଯ୍ୟମହଲ ସ୍ଥିତ ପବ୍ଲିକ ସ୍କୁଲର ଅଧ୍ୟକ୍ଷ କୋରାପୁଟ ଜିଲା ଶିଶୁ କଲ୍ୟାଣ କମିଟି (ସିଡବ୍ଲ୍ୟୁସି) ନିକଟରେ ଆସନ୍ତା ୨୨ ତାରିଖରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ହୋଇଛି। ବିଦ୍ୟାଳୟରେ ପୁରାତନ ଭବନରେ କିଛି ଅଂଶ ଗତ ଅଗଷ୍ଟ ୨୫ ତାରିଖରେ ଭୁଶୁଡ଼ି ଯାଇଥିଲା । ଏନେଇ ଅଭିଭାବକ ଏବଂ ବିଭିନ୍ନ ସଂଗଠନ ପକ୍ଷରୁ ବିଦ୍ୟାଳୟର ପୁରାତନ ଭବନର ସୁରକ୍ଷା ନେଇ ପ୍ରଶ୍ନ ଉଠିବା ସହିତ ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ ରହିଥିବା ଆଶଙ୍କା ସୃଷ୍ଟି ହୋଇଥିଲା। ଜୟପୁର ସ୍ୱାଭିମାନ ମଞ୍ଚ ଏନେଇ ଉପଜିଲାପାଳ ଓ ସିଡବ୍ଲ୍ୟୁସି ନିକଟରେ ଅଭିଯୋଗ କରିଥିଲା। ସିଡବ୍ଲ୍ୟୁସି ଏହି ଘଟଣାକୁ ଗୁରୁତର ଭାବେ ନେଇ ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ୨୨ ତାରିଖ ପୂର୍ବାହ୍ନ ୧୧ଟାରେ ବିଦ୍ୟାଳୟ ଭବନର ସୁରକ୍ଷା ସମ୍ପର୍କିତ ବୈଷୟିକ ବିଶେଷଜ୍ଞଙ୍କ ପ୍ରମାଣପତ୍ର, ପରିଚାଳନା ଅନୁମତି, ଅନୁବନ୍ଧିତ ଶିକ୍ଷାବୋର୍ଡ଼ର ପ୍ରମାଣପତ୍ର ସହ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅଭିଯୋଗକାରୀ ସ୍ୱାଭିମାନ ମଞ୍ଚର ଯୁଗ୍ମ ସଂପାଦକ ବଲ୍ଲଭ ପାଢୀ ପକ୍ଷ ରଖିବା ପାଇଁ ଉପସ୍ଥିତ ରହିବେ। ସିଡବ୍ଲ୍ୟୁସି ଅଧ୍ୟକ୍ଷା ଡ. ବି. ଗାୟତ୍ରୀଙ୍କ ସମେତ ଅନ୍ୟ ୩ ଜଣଙ୍କ ସ୍ୱାକ୍ଷରିତ ଏକ ନିର୍ଦ୍ଦେଶନାମା ଏଥିପାଇଁ ଜାରି ହୋଇଛି।

# ଟେବୁଲ ଟେନିସ୍‌ରେ ଦାମନଯୋଡ଼ି ଡିପିଏସ୍ ଛାତ୍ରଙ୍କ ସଫଳତା



କୃତୀ ଛାତ୍ରମାନେ ।

**ଦାମନଯୋଡ଼ି,୨୦।୯(ଡି.ଏନ୍.ଏ.)**

ଭୁବନେଶ୍ୱରର ବିକାଶ ଆବାସିକ ବିଦ୍ୟାଳୟ ପରିସରରେ ସିବିଏସ୍ଇ କ୍ଲଷ୍ଟର–୨ ଟେବୁଲ ଟେନିସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ,ଛତିଶଗଡ଼ରୁ ୩୫୦ ପ୍ରତିଯୋଗୀ ପ୍ରତିନିଧିତ୍ୱ କରିଥିଲେ। ସ୍ଥାନୀୟ ଦିଲ୍ଲୀ ପବ୍ଲିକ୍ ସ୍କୁଲ ଦାମନଯୋଡ଼ିର ୯ଜଣ ପ୍ରତିଯୋଗୀ କୋଚ୍ ନବକିଶୋର ପଣ୍ଡାଙ୍କ ତତ୍ତ୍ୱାବଧାନରେ ୧୭ ଏବଂ ୧୯ ବର୍ଷରୁ କମ୍ ବର୍ଗରେ ଭାଗନେଇଥିଲେ। ଅନିକେତ ରାୟ, ସ୍ୱୟମ ସାର୍ଥକ ଦ୍ୱିବେଦୀ, ଆୟୁଷ ନାୟକ, ଜ୍ୟୋତିଷ୍କ ବିଶ୍ୱାସ, ହୃଦୟ ଚନ୍ଦନ ସାହୁ, ସୟିମ୍ ହବିନ୍, ପ୍ରତୀକ ପ୍ରିୟଦର୍ଶୀ ନାଥ, ଅନୁଭବ ସ୍ୱାଇଁ , ସୋହମ୍ ସାଇ ପଣ୍ଡା ନିଜ ନିଜ ବର୍ଗରେ ଉତ୍ତମ କ୍ରୀଡ଼ା ପ୍ରଦର୍ଶନ କରିବା ସହ ଅନିକେତା ରାୟ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବିଦ୍ୟାଳୟ ଅଧ୍ୟକ୍ଷ ଦ୍ୱିପାନ୍ୱିତା ଦାସ, ଅଞ୍ଜନା ମହାପାତ୍ର, ବିକାଶ ସିଂହ କୃତୀ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

- ସମନ୍ୱିତ କୃଷି ପ୍ରଣାଳୀ ସମ୍ପର୍କିତ ଶିବିର

# କ୍ଷୁଦ୍ରଚାଷୀଙ୍କ ପାଇଁ ଲାଭଜନକ ହେବ ମାଛଚାଷ

**ଜୟପୁର,୨୦।୯(ନି.ପ୍ର.)**



ଶିବିରରେ ଯୋଗଦେଇଥିବା ମହିଳା ଓ ପୁରୁଷ ଚାଷୀମାନେ ।

ଏମ୍.ଏସ୍. ରିସର୍ଚ୍ଚ ଫାଉଣ୍ଡେସନ ପକ୍ଷରୁ ସମନ୍ୱିତ କୃଷି ପ୍ରଣାଳୀ ପ୍ରକଳ୍ପ ଅଧୀନରେ ଏକ ଦୁଇଦିନିଆ ଶିବିର ଆଦିବାସୀ କୃଷି ଜୈବ-ବିବିଧତା କେନ୍ଦ୍ରରେ ଅନୁଷ୍ଠିତ ହୋଇଛି। ଏଥିରେ ବୈପାରିଗୁଡ଼ା ଓ କୁନ୍ଦୁରା ବ୍ଲକର ୧୦ଟି ଗ୍ରାମରୁ ୮ ଜଣ ମହିଳା ଓ ୧୦ ଜଣ ପୁରୁଷ ଚାଷୀ ଅଂଶଗ୍ରହଣ କରିଥିବା ବେଳେ ସେମାନଙ୍କୁ ମାଛ, ବତକ, ପନିପରିବା, ଫଳମୂଳ ଓ ଧାନଚାଷ ସମ୍ବନ୍ଧୀୟ ତାଲିମ ଦିଆଯାଇଥିଲା । ଉପ ମତ୍ସ୍ୟ ଅଧିକାରୀ ବିଶ୍ୱରଞ୍ଜନ ରଥ କୋରାପୁଟ ଅଞ୍ଚଳରେ ହେଉଥିବା ମାଛଚାଷ କିଭଳି ଛୋଟ ଓ କ୍ଷୁଦ୍ର ଚାଷୀ ପରିବାର ପାଇଁ ଲାଭଜନକ ବ୍ୟବସାୟ ହୋଇପାରିବ, ସେ ଦିଗରେ ଗୁରୁତ୍ୱାରୋପ କରିଥିଲେ। ସ୍ୱାମୀନାଥନ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡ. ବିକ୍ରମ କେଶରୀ ବଳିୟାର ସିଂହ ଏହି ଚାଷ ପାଇଁ ପୋଖରୀ ପରିଚାଳନା, ମାଛ ଯାଆଁଳ, ମାଛ ଖାଦ୍ୟ ବିଷୟରେ ଆଲୋଚନା କରିଥିଲେ । କେନ୍ଦ୍ରର ଅନ୍ୟ ଜଣେ ବୈଜ୍ଞାନିକ ଡ. ମାଲାର୍ଭିନ୍ନାନ୍ ଧାନ ଓ ମାଣ୍ଡିଆ ଚାଷରେ ରୋଗପୋକ ନିୟନ୍ତ୍ରଣ ସମ୍ବନ୍ଧରେ ଚାଷୀଙ୍କୁ ବୁଝାଇଥିଲେ । ଉଦ୍ୟାନ କୃଷି ଓ ଦ୍ରବ୍ୟର ପ୍ରକ୍ରିୟାକରଣ ପାଇଁ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଅକ୍ଷୟ ପଣ୍ଡା ଓ ବୈଜ୍ଞାନିକ ପ୍ରଶାନ୍ତ ପରିଡ଼ା ନିଜର ଉନ୍ନତ ଜ୍ଞାନକୌଶଳ ଚାଷୀଙ୍କ ମଧ୍ୟରେ ବାଣ୍ଟିଥିଲେ। ଡ. ଅଶୋକ ବେହେରା ସମନ୍ୱିତ କୃଷି ପ୍ରଣାଳୀରେ ବତକର ଭୂମିକା ଓ ଏହାର ପାଳନ ପାଇଁ ସରକାରୀ ପ୍ରୋତ୍ସାହନ ସମ୍ପର୍କରେ ମତ ରଖିଥିଲେ। ଶେଷରେ ସଂଯୋଜକ ସହାୟକ ନରେଶ ଚନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ। ବୈଜ୍ଞାନିକ ଡ. ବିକ୍ରମ କେଶରୀ ବଳିୟାର ସିଂହ କାର୍ଯ୍ୟକ୍ରମ ପରିଚାଳନା ଓ ବାଲାଜୀ ମହାନ୍ତି, ଅଜିତ ସାହୁ ଏବଂ ମାକ୍ସ ଆର୍ଥର ଗିଲ ଏ ଥି ରେ ସହଯୋଗ କରି ଥିଲେ।

# ନଦୀରେ ଭାସି ଯାଇଥିବା ଯୁବକଙ୍କ ମୃତଦେହ ଉଦ୍ଧାର

**ବାଲିଗୁଡା,୨୦।୯(ଡି.ଏନ୍.ଏ.)**

ବାଲିଗୁଡା ବ୍ଲକ ସିନ୍ଦ୍ରିଗାଁ ରାସ୍ତା ଦେଇ ଯାଇଥିବା ଖଡଗନଦୀରେ ଗତ ରବିବାର କଟପଡି ଗ୍ରାମର କାପୁ ଦିଗାଳ ନଦୀରେ ଗାଧୋଉଥିବାବେଳେ ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ଗ୍ରାମବାସୀ ଓ ଦମକଳ ବାହିନୀ ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କ ସନ୍ଧାନ ପାଇ ନ ଥିଲେ। ଗୁରୁବାର ବାଲିଗୁଡା ନିକଟସ୍ଥ କୁଟିକିଆ ଘାଟରେ ଏକ ମୃତଦେହ ଲାଗିଥିଲା। କେତେକ ଲୋକ ଦେଖି ଏନେଇ କାପୁଙ୍କ ପରିବାର ଓ ଗ୍ରାମବାସୀଙ୍କୁ ଜଣାଇଥିଲେ। ଅପରାହ୍ନରେ କାପୁଙ୍କ ପରିବାର ଲୋକେ ପହଞ୍ଚି ମୃତଦେହ ଉଦ୍ଧାର କରି ଆଣି ସତ୍କାର କରିଥିଲେ।

# ଶାଗୁଆନ କାଠଗଣ୍ଡି ବୋଝେଇ ଗାଡ଼ି ଜବତ, ୪ ଗିରଫ

**ପୋଲସରା,୨୦।୯(ଡି.ଏନ.ଏ.)**

ପୋଲସରା ବନାଞ୍ଚଳ ଜୋକବନ୍ଧ ରେଞ୍ଜ ରାଇପଡ଼ା ଗ୍ରାମସ୍ଥିତ ସ୍କୁଲ ନିକଟରେ ବୁଧବାର ରାତିରେ ବନବିଭାଗ ଶାଗୁଆନ କାଠଗଣ୍ଡି ବୋଝେଇ ଏକ ପିକଅପ୍ ଭ୍ୟାନ (ନଂ ଓଆର୦୭ଡି–୪୫୨୯) ଜବତ କରିବା ସହ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଚିରିକିପଡ଼ା ଶାସନର ମିଟୁ ନାହାକ, ବସନ୍ତ ନାହାକ, ରାଜୀବ ନାହାକ ଓ ପୋଲସରାର କ୍ରିଷ୍ଣା ନାୟକ। ଏଥିରେ ୫୪.୯୦ ଘନଫୁଟ ଶାଗୁଆନ କାଠଗଣ୍ଡି ଥିବା ବନବିଭାଗ ସୂଚନା ଦେଇଛି। ଜବତ ସମୟରେ ପୋଲସରା ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ସାହୁ, ପୋଲସରା ବନପାଳ ହର ପ୍ରସାଦ ସାହୁ, ଜୋକବନ୍ଧ ବନପାଳ ରାଜେନ୍ଦ୍ର କୁମାର ନାୟକ ଉପସ୍ଥିତ ଥିଲେ । ବନ ବିଭାଗ ପକ୍ଷରୁ ନଂ.୭୨/୧୮ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

- ବୁଥସ୍ତରୀୟ କର୍ମୀଙ୍କୁ ତାଲିମ

# କଂଗ୍ରେସ, ଭାଜପାକୁ ଚେକ୍ ଦେବା ପାଇଁ ଗୁରୁମନ୍ତ୍ର

**କୁନ୍ଦୁରା, ୨୦।୯(ଡି.ଏନ.ଏ.)**



ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ସ୍ଥାନୀୟ ଜନସାଧାରଣ ।

୨୦୧୯ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ନବରଙ୍ଗପୁର ଲୋକସଭା ନିର୍ବାଚନ ମଣ୍ଡଳୀ ଏବଂ କୋଟପାଡ ନିର୍ବାଚନ (ବିଧାନସଭା)ମଣ୍ଡଳୀରେ ବିଜେଡିର ମହିଳା, ଯୁବ ଏବଂ ଛାତ୍ର କର୍ମୀଙ୍କୁ ବୁଥସ୍ତରୀୟ ତାଲିମ ପ୍ରଦାନ କରାଯାଇଛି। ଜିଲା ସଭାପତି ଈଶ୍ୱର ପାଣିଗ୍ରାହୀଙ୍କ ନିର୍ଦ୍ଦେଶରେ କୁନ୍ଦୁରା ବ୍ଲକ କଲ୍ୟାଣମଣ୍ଡପଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ ଖଦି ଓ ଗ୍ରାମ୍ୟଦ୍ୟୋଗ ବୋର୍ଡ ଅଧ୍ୟକ୍ଷ ତେଜେଶ୍ୱର ପରିଡ଼ା, ଏମପି ବଳଭଦ୍ର ମାଝି, ବିଜେଡି ବ୍ଲକ ସଭାପତି ସଞ୍ଜୟ ସାହୁ, ଯୁବ ବିଜେଡି ସଭାପତି ରମାକାନ୍ତ ପେଣ୍ଠିଆ, ଏମପିଙ୍କ ପ୍ରତିନିଧି ବୃନ୍ଦାବନ ମଲ୍ଲିକ, ମହିଳା ବିଜେଡି ସଭାପତି କନକଲତା ପେଣ୍ଠିଆ, ଜିଲା ମହିଳା ସଦସ୍ୟା ପଦ୍ମିନୀ ଦ୍ୟାନ, ବରିଷ୍ଠ କର୍ମୀ ଖଗେଶ୍ୱର ପୂଜାରୀ, ରାଜା ସାହୁ, ପ୍ରଦୀପ ନାୟକ, ପଙ୍କଜ ପାତ୍ର, ଅମିତ ଅଗ୍ରୱାଲ ଯୋଗ ଦେଇଥିଲେ। କୁନ୍ଦୁରା ବ୍ଲକରେ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜେଡି ସମର୍ଥିତ ପ୍ରାର୍ଥୀ ନିର୍ବାଚିତ ହୋଇଥିବାବେଳେ ଚଳିତ ପଞ୍ଚାୟତ ନିର୍ବାଚନରେ ପୁଣି ଥରେ କଂଗ୍ରେସ ସମର୍ଥିତ ପ୍ରାର୍ଥୀ ଅଧ୍ୟକ୍ଷ ହୋଇଛନ୍ତି। କୋଟପାଡ ନିର୍ବାଚନ ମଣ୍ଡଳୀରେ (ବିଧାନସଭାରେ) କଂଗ୍ରେସ ବିଧାୟକ ରହିଛନ୍ତି । ଦୀର୍ଘ ୭ ଦଶନ୍ଧି ମଧ୍ୟରେ ନବରଙ୍ଗପୁର ନିର୍ବାଚନମଣ୍ଡଳୀ ଏବଂ କୋଟପାଡ ନିର୍ବାଚନମଣ୍ଡଳୀରେ କଂଗ୍ରେସ ଗଡ଼ ରହିଛି। ରାଜ୍ୟ, ଜିଲା ଏବଂ ବ୍ଲକସ୍ତରୀୟ ନେତୃବର୍ଗ ମିଶି ଆଗାମୀ ସାଧାରଣ ନିର୍ବାଚନରେ ଭାଜପା ଏବଂ କଂଗ୍ରେସକୁ ଚେକ୍ ଦେଇ ଏଠାରେ କିପରି ବିଜେଡି ପ୍ରାର୍ଥୀମାନେ ବିଜୟୀ ହେବେ, ସେଥିପାଇଁ କର୍ମୀଙ୍କୁ ଗୁରୁମନ୍ତ୍ର ଦିଆଯାଇଛି। ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ଉପସ୍ଥିତ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ମହିଳା କର୍ମୀଙ୍କୁ ଅବଗତ କରାଯାଇଛି। ସେହିଭଳି ସାଗରଗୁଡାସ୍ଥିତ ବୈଠକ ଗୃହଠାରେ ଯୁବ ଏବଂ ଛାତ୍ର ବିଜେଡି କର୍ମୀଙ୍କୁ ଆଗାମୀ ନିର୍ବାଚନରେ ବିଜୟୀ ହେବା ପାଇଁ ଜିଲାସ୍ତରୀୟ ନେତୃବର୍ଗ ଗୁରୁମନ୍ତ୍ର ଦେଇଛନ୍ତି । ନବରଙ୍ଗପୁର ନିର୍ବାଚନମଣ୍ଡଳୀରେ ବଳଭଦ୍ର ମାଝିଙ୍କ ବିଜୟ ଏବଂ ଖଦି ବୋର୍ଡ ଅଧ୍ୟକ୍ଷ ତେଜେଶ୍ୱର ପରିଡାଙ୍କ କୋଟପାଡ ନିର୍ବାଚନମଣ୍ଡଳୀର କୋଟପାଡ, କୁନ୍ଦୁରା ଏବଂ ବୈପାରୀଗୁଡାରେ ବାରମ୍ବାର କର୍ମୀ ସମ୍ମିଳନୀ, ବୈଠକ ଭଳି କାର୍ଯ୍ୟକ୍ରମ ଯୋଗୁ କର୍ମୀଙ୍କ ମନରେ ଉତ୍ସାହ ସୃଷ୍ଟି କରିଛି। ଦୀର୍ଘଦିନ ପରେ କୁନ୍ଦ୍ରା ବ୍ଲକ ଛକଠାରେ ବିଜେଡିର କାର୍ଯ୍ୟାଳୟ ଏମପି ବଳଭଦ୍ର ମାଝିଙ୍କ ଦ୍ୱାରା ଶୁଭ ଉଦଘାଟିତ୍ ହୋଇଛି। କାର୍ଯ୍ୟକ୍ରମକୁ ନିହାର ରଞ୍ଜନ ଭଞ୍ଜ, ରାଜା ସାହୁ ପରିଚାଳନା କରିଥିବାବେଳେ କୁନ୍ଦ୍ରା ସରପଞ୍ଚ ପାର୍ବତୀ ଫମ୍ପୁଣିଆ, ଫୁପୁଗାଁ ସରପଞ୍ଚ ଚନ୍ଦ୍ରିକା କଟିଆ, ରାନିଗୁଡା ସରପଞ୍ଚ ସୁଭଦ୍ରା ଭୂମିଆ ଯୋଗ ଦେଇଥିଲେ ।


CLASSIFIED DISPLAY

Life Care Emporium
Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS
Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

ADMISSION OPEN
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY
(ISO 9001 : 2015 CERTIFIED)
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Ph.0674-2385773, M:9437114882, 9090366575

BRAIN TUMOUR OPERATION
NEUROSURGICAL OPERATION
Brain tumour, Head Injury, Spinal Cord Tumour, Brain
Ashwini Hospital, CDA, Cuttack
ASHWINI HOSPITAL
Phone :- 7894460443 କୁ ଯୋଗାଯୋଗ କରନ୍ତୁ !

FRANCHISE REQUIRED FOR ALL ODISHA
PRASANTA ENTERPRISERS
DEALS IN: ALL TYPES OF SURGICAL ITEMS & EQUIPMENT
Plot No. 33, 34/E, Ashok Nagar, Unit-II, Bhubaneswar-751009
DL No.: 10587W / 10688WC / 2460WX
Email: prasantaenterprisers2006@gmail.com, Mobile: 9861067341, 9556828292

HURRY UP LIMITED SEATS
FOR YOUR CIVIL SERVICE ASPIRATIONS JOIN
START 15TH SEPTEMBER
PANCHASAKHA ACADEMY
FOR
IAS- (PRELIM-CUM-MAINS) |
OAS (ONE MONTH CRASH COURSE)
YES, TOGETHER WE CAN
PH : 6370981054, 8457099246
L-280, HB Colony, Bhubaneswar, www.panchasakha.com

STYLESPA furniture
An Opportunity To Start Your Own Business
Minimum space requirement -1500 sqft.
India's largest furniture retail chain with 67 showrooms in 56 cities is looking for franchise. Powered by Forte, Poland's largest manufacturer & part of Advent group, manufactured in one of Asia's largest factory situated in Chennai.
FOR FURTHER DETAILS CONTACT: 93370 38666

## ସଂକ୍ଷେପରେ



### ଜେକେ କାଗଜକଳକୁ ମିଳିଲା ରାଷ୍ଟ୍ରୀୟ ସୁରକ୍ଷା ପୁରସ୍କାର

**ଜେକେପୁର,୨୦।୯(ଡ଼ି.ଏନ.ଏ):** ରାୟଗଡ଼ା ଜିଲାର ଜେକେ କାଗଜକଳକୁ ରାଷ୍ଟ୍ରୀୟ ସୁରକ୍ଷା ପୁରସ୍କାର ପ୍ରଦାନ କରାଯାଇଛି । ନୂଆଦିଲ୍ଲୀର ଡ଼ଃ ଆମ୍ବେଡ଼କର ଇଣ୍ଟରନ୍ୟାସନାଲ ସେଣ୍ଟରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରମ ଓ ରୋଜଗାର ରାଜ୍ୟମନ୍ତ୍ରୀ ସନ୍ତୋଷ କୁମାର ଗଙ୍ଗୱାର ଏହି ପୁରସ୍କାର ପ୍ରଦାନ କରିଛନ୍ତି । ଜେକେ କାଗଜକଳ କାର୍ଯ୍ୟକାରୀ ଉପସଭାପତି ପବନ କୁମାର ସୁରୀ ଏହି ପୁରସ୍କାର ଗ୍ରହଣ କରିଥିଲେ। ୨୦୧୬ରେ ଦୁର୍ଘଟଣାମୁକ୍ତ ଶିଳ୍ପାନୁଷ୍ଠାନ ଭାବେ ଜେକେ କାଗଜକଳକୁ ଏହି ପୁରସ୍କାର ମିଳିଥିବା ଲୋକ ସମ୍ପର୍କ ଅଧିକାରୀ ସୁନିଲ କୁମାର ରଥ ପ୍ରକାଶ କରିଛନ୍ତି ।

### ନାବାଳିକାଙ୍କୁ ଜବରଦସ୍ତ ବିବାହ ଦେଲେ ପାଳିତ ମା' ଥାନାରେ ଏତଲା

**ଜେକେପୁର୍, ୨୦।୯(ଡି.ଏନ୍.ଏ):** ବାଲ୍ୟ ବିବାହ ପ୍ରଥା ରୋକିବାକୁ ସରକାର ବିଭିନ୍ନ ସଚେତନତାମୂଳକ ପଦକ୍ଷେପ ନେଉଛନ୍ତି। ଏଥିପାଇଁ ନିୟମ ମଧ୍ୟ କଡାକଡି କରାଯାଇଛି । ହେଲେ ଏଥପ୍ରତି ଲୋକଙ୍କର ଚେତା ପଶୁନାହିଁ । ନବମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକାଙ୍କୁ ତାଙ୍କର ପାଳିତା ମା' ବଳପୂର୍ବକ ବିବାହ ଦେଇଥିବା ଜଣାଯାଇଛି । ଏନେଇ ସେ ଥାନାରେ ଏତଲା ଦେଇଛନ୍ତି । ଘଟଣାରୁ ପ୍ରକାଶ ଯେ, ରାୟଗଡା ବ୍ଲକ ନାକିଟି ପଞ୍ଚାୟତ ସଦର ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକା ଜଣକ ବାପ ଛେଉଣ୍ଡ । ତାଙ୍କୁ ପଦ୍ମାବତୀ ହିଲବା ନେଇ ପାଖରେ ରଖିଥିଲେ । ଜୁନ୍ ୨୩ ତାରିଖରେ ପଦ୍ମାବତୀ ଉକ୍ତ ନାବାଳିକାକୁ ବହି କିଣାଇଦେବେ କହି ରାୟଗଡା ନେଇ ଆସିଥିଲେ । ସେଠାରୁ ତାଙ୍କୁ ଏକ ଅଟୋ ଭଡାକରି ଜେକେପୁର ନିକଟ ହଳଦୀପଡାକୁ ନେଇଥିଲେ । ପରେ ଜୁନ୍ ୨୮ତାରିଖରେ କୁମୁଟିପେଣ୍ଟ ପଞ୍ଚାୟତ ହଳଦୀପଡାର ବିନୋଦ ଖରାଙ୍କ ସହିତ ଜୋରଜବରଦସ୍ତ ବିବାହ କରି ଦେଇଥିଲେ । ଏନେଇ ଗୁରୁବାର ନାବାଳିକାଜଣକ ରାୟଗଡା ଥାନାରେ ଏତଲା ଦେଇଛନ୍ତି । ପୋଲିସ ଚାଇଲ୍ଡ ଲାଇନ୍‌କୁ ଖବର ଦେଇଥିଲା । ନାବାଳିକା ଜଣକ ପଦ୍ମାବତୀ , ତାଙ୍କ ପୁତୁରା ବାବୁଲା ନାଏକ, ସ୍ୱାମୀ ବିନୋଦଙ୍କ ନାମରେ ଚାନ୍ଦିଲି ଥାନାରେ ଏତଲା ଦେଇଛନ୍ତି । ମାମଲାର ଫଇସଲା ହେବା ପର୍ଯ୍ୟନ୍ତ ନାବାଳିକାଙ୍କୁ ସୁଧାର ଗୃହରେ ରଖାଯାଇଛି ।

### ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଅବଧି ବଢ଼ିଲା

**ଆସିକା,୨୦।୯ (ଡି.ଏନ୍.ଏ.):** କଟକରେ ଆଇନଜୀବୀଙ୍କ ଉପରେ ପୋଲିସ ଆକ୍ରମଣ ପ୍ରତିବାଦରେ ରାଜ୍ୟବ୍ୟାପୀ ଓକିଲଙ୍କ ଆନ୍ଦୋଳନ ଚାଲିଛି। ଏଥିରେ ଆସିକା ଓକିଲ ସଂଘ ମଧ ସାମିଲ ହୋଇଛି । ଅଭିଯୁକ୍ତ ପୋଲିସ ଅଧିକାରୀଙ୍କ ଗିରଫ ଦାବିରେ ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଅବଧିକୁ ପୁଣି ବଢାଇ ଦିଆଯାଇଛି । ଆସନ୍ତା ୨୪ ତାରିଖ ଯାଏ ଆନ୍ଦୋଳନ ଚାଲୁ ରଖିବା ଲାଗି ନିଷ୍ପତ୍ତି ହୋଇଛି।

# ୫ ଡକାୟତ ଗିରଫ, ସୁନା ଜବତ

**ରାୟଗଡ଼ା ଅଫିସ,୨୦।୯**

ରାୟଗଡ଼ା ପୋଲିସ ୫ ଡ଼କାୟତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରାମକୃଷ୍ଣ ନଗର ଏମପି କଲୋନିର ରବିଶଙ୍କର ମହାନନ୍ଦିଆ, ପ୍ରକାଶ ଖରା, ବୁଦ୍ରାବାଲ୍ସା ଅଞ୍ଚଳର ମୁନଧାରୀ ହରି, ରାମକୃଷ୍ଣ ନଗର ସୁଇପର କଲୋନୀର ପାରାମି ଶ୍ରୀକାନ୍ତ, ମହେଶ ବାଙ୍ଗାରି। ସେମାନଙ୍କଠାରୁ ସୁନା ଅଳଙ୍କାର ଜବତ କରାଯାଇଛି । ଗୁରୁବାର ରାୟଗଡ଼ା ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାୟଗଡ଼ା ଏସଡ଼ିପିଓ ରାଜକିଶୋର ଦାସ ପ୍ରକାଶ କରିଛନ୍ତି । ସେ ଆହୁରି କହିଛନ୍ତି ଯେ, ଗତ ୧୨ ତାରିଖ ରାତି ୮ଟାରେ ରାୟଗଡ଼ା ସହରର ସାଇପ୍ରୀୟା ନଗର ୨ୟ ଲାଇନରେ ରହୁଥିବା ଚିନ୍ନାରୀ ଚନ୍ଦ୍ରଶେଖର ସୁବୁଦ୍ଧି, ତାଙ୍କ ସ୍ତ୍ରୀ ଓ ପିଲା ଦୈନିକ ବଜାରକୁ ଯାଇଥିଲେ । ସେଠାରୁ ଫେରି ତାଙ୍କ ଘର ତାଲା ଖୋଲାଯାଇଥିବା ଦେଖିବାକୁ ପାଇଥିଲେ। କେହି ଦୁର୍ବୃତ୍ତ ଆଲମାରି ଭାଙ୍ଗି ୧୪୮ ଗ୍ରାମର ବିଭିନ୍ନ ସୁନା ଓ ନଗଦ ୬୦ ହଜାର ଟଙ୍କା ଲୁଟି ନେଇଥିବା ଜାଣିବାକୁ ପାଇଥିଲେ । ଏନେଇ ସେ ରାୟଗଡ଼ା ଥାନାରେ ଏତଲା ଦେଇଥିଲେ। ପୋଲିସ ଏନେଇ ଏକ ମାମଲା(ନଂ ୧୭୩/୧୮) ରୁଜୁ କରି ତଦନ୍ତ ଚଳାଇଥିଲା । ଅଭିଯୁକ୍ତମାନଙ୍କୁ ଧରିବା ନେଇ ରାୟଗଡ଼ା ଏସଡ଼ିପିଓଙ୍କ ନେତୃତ୍ୱରେ ଥାନାଧିକାରୀ କୃଷ୍ଣଚନ୍ଦ୍ର ଭତ୍ରା, ଏସଆଇ ରାଜକିଶୋର ବେହେରା, ଶୁଶାନ୍ତ ବେହେରା ଓ ଅନ୍ୟ ପୋଲିସ କର୍ମମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା । ବୁଧବାର ପୋଲିସ ରବିଶଙ୍କର, ପ୍ରକାଶ, ମୁନଧାରୀ, ପାରାମିଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନେ ଚିନ୍ନାରୀ ଚନ୍ଦ୍ରଶେଖରଙ୍କ ଘରେ ପଶି ଚୋରି କରିଥିବା ନେଇ ପୋଲିସ ସମ୍ମୁଖରେ ପ୍ରକାଶ କରିଥିଲେ। ଚୋରି ସାମଗ୍ରୀଙ୍କୁ ରାମକୃଷ୍ଣ ନଗରରେ ରହୁଥିବା ମହେଶ ବାଙ୍ଗାରିଙ୍କୁ ବିକ୍ରି କରିଥିବା ନେଇ କହିଥିଲେ । ପରେ ପୋଲିସ ମହେଶଙ୍କୁ ମଧ୍ୟ ଗିରଫ କରିଥିଲା । ତାଙ୍କଠାରୁ ୮୪ ଗ୍ରାମର ସୁନା ଅଳଙ୍କାର ଜବତ କରାଯାଇଥିଲା ବୋଲି ଏସଡ଼ିପିଓ ଦାସ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ,ମୁଣ୍ଡାରୀଙ୍କ ନାମରେ ରାୟଗଡ଼ା ଥାନାରେ ତିନୋଟି, ରବିଶଙ୍କରଙ୍କ ନାମରେ ୪, ପି. ଶ୍ରୀକାନ୍ତଙ୍କ ନାମରେ ଗୁଣପୁର ଓ ରାୟଗଡ଼ା ଥାନାରେ ୯ଟି ମାମଲା ରହିଛି ।



ଗିରଫ ୫ ଅଭିଯୁକ୍ତ, ଜବତ ସୁନା ଅଳଙ୍କାର ।

# ■ଚାନ୍ଦିଲି ସରପଞ୍ଚ ଅଯୋଗ୍ୟ ଘୋଷଣା ମାମଲା

# ଉପରକୋର୍ଟରେ ଆବେଦନ କଲେ ସରପଞ୍ଚ

**ଜେକେପୁର, ୨୦।୯ (ଡି.ଏନ୍.ଏ.)**

ନିର୍ବାଚନ ଅଧିକାରୀଙ୍କ ନିକଟରେ ଭୁଲ୍ ସତ୍ୟପାଠ ଦାଖଲ କରିଥିବା ଅଭିଯୋଗରେ ରାୟଗଡ଼ା ଜିଲା ଚାନ୍ଦିଲି ପଞ୍ଚାୟତ ସରପଞ୍ଚ ସୁଆଇ ପେଜେଣ୍ଟିଙ୍କୁ କୋର୍ଟ ଅଯୋଗ୍ୟ ଘୋଷିତ କରିଥିଲେ। ବର୍ତ୍ତମାନ ସେ ତଳକୋର୍ଟର ଏହି ରାୟ ବିରୋଧରେ ଉପରକୋର୍ଟରେ ଆବେଦନ କରିବା ସହ ରହିତାଦେଶ ଆଣିଛନ୍ତି। ମାନ୍ୟବର ଜିଲା ନ୍ୟାୟାଧିକାରୀ ଏହି ମାମଲାର ଶୁଣାଣି କରି ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସ୍ଥିତାବସ୍ଥା ଜାରି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶଥାଉ କି, ସୁଆଇଙ୍କ ୪ଟି ସନ୍ତାନ ଅଛନ୍ତି । ହେଲେ ସେ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ ହୋଇଥିବା ସତ୍ୟପାଠରେ ନିଜ ସନ୍ତାନ ସଂଖ୍ୟାକୁ ନେଇ ଭୁଲ୍ ତଥ୍ୟ ଦେଇଥିଲେ। ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଚମ୍ପାବତୀ ପେଜେଣ୍ଟି ଏ ନେଇ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବା ସହ ଅଦାଲତରେ ଏକ ମାମଲା ରୁଜୁ କରିଥିଲେ। କୋର୍ଟରେ ଉପସ୍ଥାପିତ ସମସ୍ତ ପ୍ରକାର ସାକ୍ଷୀ ଓ ପ୍ରମାଣପତ୍ରର ଯାଞ୍ଚ ପରେ ସିଭିଲ୍ ଜଜ୍ ସୁଚରିତା ମହାନ୍ତି ସୁଆଇ ପେଜେଣ୍ଟିଙ୍କୁ ଅଯୋଗ୍ୟ ଘୋଷିତ କରିଥିଲେ ।

# ଗୁଣପୁର କଲେଜର ବିକାଶ ନେଇ ଆଲୋଚନା




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ଗୁଣପୁର,୨୦।୯(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର କଲେଜକୁ ସରକାରୀ ଘୋଷଣା ହେବ ବୋଲି ଆଶା କରାଯାଉଥିଲା । ହେଲେ ସେପରି କିଛି ହେଲା ନାହିଁ । ତେବେ ମୁଖ୍ୟମନ୍ତ୍ରୀ କିଛି ଦିନ ତଳେ ଭିଡିଓ କନଫରେନ୍ସିଂ ଜରିଆରେ କଲେଜର ଭିତ୍ତିଭୂମି ବିକାଶ ପାଇଁ ୧କୋଟି ୫୦ ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରଥିଲେ । ଏହି ପରିପ୍ରେକ୍ଷୀରେ ଗୁରୁବାର କଲେଜ ପରିଚାଳନା କମିଟି ସଭାପତି ତଥା ବିଧାୟକ ତ୍ରିନାଥ ଗମାଙ୍ଗଙ୍କ ଅଧ୍ୟକ୍ଷତାରେ ଭିତ୍ତିଭୂମି ବିକାଶ ନେଇ ଉତ୍ସବ ପାଳନ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ରାଜ୍ୟସଭା ସଦସ୍ୟ ଏନ.ଭାସ୍କର ରାଓ, ଏମ୍‌ପି ଝିନ୍ନ ହିକ୍‌କା, ଏଷ୍ଟିମେଟ କମିଟି ଅଧ୍ୟକ୍ଷ ସଞ୍ଜୟ ଦାସବର୍ମା, ଜିଲା ପରିଷଦ ସଭାପତି ଡ.ପୁରୁଷୋତ୍ତମ ଗମାଙ୍ଗ, ଜିଲାପାଳ ଗୁହା ପୁନମ ତାପସ କୁମାର ପ୍ରମୁଖ ଉପସ୍ଥିତ ଥିଲେ । କଲେଜର ଭିତ୍ତିଭୂମି ବିକାଶ ନେଇ ଅନୁଦାନ ଘୋଷଣା କରିଥିବାରୁ ଅତିଥିମାନଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ପ୍ରଦାନ କରାଯାଇଥିଲା । ପ୍ରିନ୍ସପାଲ ଡ.ବାମଦେବ ମିଶ୍ର ପରିଚାଳନା କରିଥିବ ।ବେଳେ ଅଧ୍ୟାପିକା ଜୟଶ୍ରୀ ଜେଟି ସଂଯୋଜନା କରିଥିଲେ । ଅଧ୍ୟାପକ ଡ.ଜବାହାର ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ କଲେଜ ପ୍ରତିଷ୍ଠାରେ ଅବଦାନ ଥିବା ରାମମୂର୍ତ୍ତି ସାହୁକାର ପୁତ୍ର ଡ. ଶ୍ରବଣ ସାହୁକାର, ନରସିଂହ ମହାଙ୍କୁଡ, କୃଷ୍ଣ ପ୍ରସାଦ ବେବର୍ତ୍ତା, ପ୍ରକାଶ ସାହୁଙ୍କ ପୁତ୍ର ରାଜେନ୍ଦ୍ର ସାହୁ, ପି.ଭି.ରାବଣେୟାଙ୍କ ପତ୍ନୀ ପି.ସାରଦା, ପୂର୍ବତନ ବିଧାୟକ ନରସିଂହ ପାତ୍ରଙ୍କ ପୁତ୍ର ରଘୁନାଥ ପାତ୍ର, ବଳରାମ ପଣ୍ଡାଙ୍କ ପୁତ୍ର ଡ.ଜଗଦିଶ ପଣ୍ଡା ଏବଂ ଦେବରସିଟି ଶ୍ରୀରାମ ମୂର୍ତ୍ତି ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା । ଶେଷରେ ବ୍ରହ୍ମାନନ୍ଦ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ । ଅଧ୍ୟାପକ ଡ. ସୂର୍ଯ୍ୟ ନାରାୟଣ ପଣ୍ଡା, ଶଶୀଭୂଷଣ ମହାନ୍ତି, ଡ.ନୀଳମାଧବ ଦାସ, ରାମଚନ୍ଦ୍ର ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପିକା,ଅଧ୍ୟାପକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଓକିଲ ବ୍ରହ୍ମାନନ୍ଦ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଡ.ସାହୁକାର କଲେଜର ଉନ୍ନତି ପାଇଁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ ।

## ପୁରାତନ ଛାତ୍ର ସଂଗଠନର ସ୍ୱାସ୍ଥ୍ୟ ସଚେତନତା ଶିବିର

**ବ୍ରହ୍ମପୁର ଅଫିସ,୨୦।୯**

ବିଜୁ ପଟ୍ଟନାୟକ ହୋମିଓପାଥିକ ମେଡିକାଲ କଲେଜର ପୁରାତନ ଛାତ୍ର ସଂଗଠନ ପକ୍ଷରୁ ରାମକୃଷ୍ଣ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସ୍ୱାସ୍ଥ୍ୟ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ୩୫୦ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବିତରଣ କରାଯାଇଥିଲା । ଡା. ପିତବାସ ସାହୁ, ଡା. ସିଦ୍ଧାର୍ଥ ଶତପଥି, ଡ. ସୁଶାନ୍ତ ମହାନ୍ତି, ଡା. ପ୍ରଶାନ୍ତ ପତି, ଡା. ଶ୍ୟାମ ମହାରଣା, ଡା. ଇନ୍ଦୁଭୂଷଣ ପଟ୍ଟନାୟକ, ଡା. ସିଦ୍ଧେଶ୍ୱର ବେହେରା ଓ ଡା. ଭବାନୀ ମହାପାତ୍ର ଯୋଗଦେଇ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ବିଦ୍ୟାଳୟର ସଭାପତି ପ୍ରମୋଦ କୁମାର ସ୍ୱାଇଁ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ମୁଖ୍ୟ ଉପଦେଷ୍ଟା ବଲ୍ଲଭ ଚନ୍ଦ୍ର ପାଣିଗ୍ରାହୀ, ଉପସଭାପତି ହିମାଂଶୁ ଶେଖର ମିଶ୍ର, ସମ୍ପାଦକ ଡ. ସିଦ୍ଧେଶ୍ୱର ବେହେରା, ୱାର୍ଡ ନଂ-୭ର କର୍ପୋରେଟର ରାକେଶ କୁମାର ସାହୁ ଏବଂ ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ କାହ୍ନୁ ଚରଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ଉଷାରାଣୀ ସାହୁଙ୍କ ସମେତ ସମସ୍ତ ଶିକ୍ଷୟତ୍ରୀଶିକ୍ଷକ ସହଯୋଗ କରିଥିଲେ।

# ସରପଞ୍ଚଙ୍କୁ ଦାବିପତ୍ର ଦେଲେ ଶିକ୍ଷକ



ଶିକ୍ଷକମାନେ ସରପଞ୍ଚଙ୍କୁ ଦାବିପତ୍ର ଦେଉଛନ୍ତି ।

**ଗୁଣପୁର,୨୦।୯(ଡି.ଏନ.ଏ)**

ଶିକ୍ଷକମାନେ ଏବେ ନିଜ ଆନ୍ଦୋଳନକୁ ଗାଁ ମୁହାଁ କରିଛନ୍ତି । ବୁଧବାର ଗୁଣପୁର ବ୍ଲକର ଗାଦିଆଖଲାଠାରେ ପଦଯାତ୍ରା କରିଥିଲେ। ସେମାନେ ସେଠାରେ ନିଜର ଦାବି ତଥା ସମସ୍ୟାଗୁଡିକ ନେଇ ସରପଞ୍ଚଙ୍କ ଜରିଆରେ ସରକାରଙ୍କୁ ଜଣାଇଛନ୍ତି । ଏହିକ୍ରମରେ ରାୟଗଡା ଜିଲା ଗୁଣପୁରର ବ୍ଲକଗ୍ରାଣ୍ଟ ଶିକ୍ଷକ ଏବଂ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଗାଦିଆଖଲା ସରପଞ୍ଚ କେ.ସନ୍ଧ୍ୟାରାଣୀଙ୍କ ୭ ଦଫା ଦାବିପତ୍ର ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷକ ପଦ୍ମନାଭ ବେହେରା,ରବୀନ୍ଦ୍ରନାଥ ପଣ୍ଡିତ, ଇନ୍ଦିରାମହାପାତ୍ର, ଖଲି ଅଧିକାରି, ତ୍ରିପତି ପଣ୍ଡା, ନିରଞ୍ଜନ ଦାସ, କୈଳାସ ପାଣିଗ୍ରାହୀ ଦମୟନ୍ତି ମହାନ୍ତି, ରାଘବ ପାଣିଗ୍ରାହୀ, ସେଷସାଇ ସେନାପତି. ନମିତା ରଥ, ସସ୍ମିତା ହୋତା, ଘାସିରାମ ରଥ, ମଧୁସୁଦନ ପଟ୍ଟନାୟକ, ରବୀନ୍ଦ୍ରନାଥ ସାହୁଙ୍କ ସମେତ ଅଭିଭାବକ ଗୋଦାବରୀ ଗୌଡ, ସିମାଦ୍ରି ସାହୁ ଉପସ୍ଥିତ ରହି ଦାବିପତ୍ର ଦେଇଥିଲେ ।

# ଭାଜପାର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ



ବୈଠକରେ ଭାଜପା କର୍ମୀମାନେ।

**ଟିକିରି, ୨୦।୯ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶିପୁର ବ୍ଲକ ଟିକିରିସ୍ଥିତ ତ୍ରିନାଥ ମନ୍ଦିର ପରିସରରେ ଭାଜପାର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭାଜପାର ପୂର୍ବତନ ବ୍ଲକ ସଭାପତି ବେଲଧର ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକର ପୁରୁଖା ନେତା ସଂଗ୍ରାମ କେଶରୀ ଦଣ୍ଡସେନା, ଭାବଗ୍ରାହୀ ନାୟକ, କିଶୋର ଦିଶାରୀ, ଚନ୍ଦ୍ରଶେଖର ଝୁରା, ଟିକିରି ମଣ୍ଡଳ ସଭାପତି ସୁଶାନ୍ତ କୁମାର ପ୍ରଧାନୀ ପ୍ରମୁଖ ଯୋଗ ଦେଇଥିଲେ। ଭାଜପା ସରକାର ଅନେକ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକ୍ରମ ପ୍ରଣୟନ କରିଛନ୍ତି। କିନ୍ତୁ କାଶିପୁର ବ୍ଲକରେ ଏହି ସବୁ ଯୋଜନା ଲୋକଙ୍କ ନିକଟରେ ଠିକ୍ ଭାବେ ପହଞ୍ଚି ପାରୁ ନ ଥିବା କର୍ମୀମାନେ ଅଭିଯୋଗ କରିଥିଲେ। ଆଗାମୀ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଦଳକୁ କିପରି ସୁଦୃଢ କରାଯିବ ସେନେଇ ଅଲୋଚନା ହୋଇଥିଲା। ଆସନ୍ତା ୨୩ ତାରିଖରେ କାଶିପୁର ବ୍ଲକରେ ଆଉ ଏକ ବୈଠକ କରାଯାଇ ଦଳୀୟ କର୍ମୀଙ୍କ ନିଷ୍ପତ୍ତିକୁ ଜିଲା , ରାଜ୍ୟ ଏବଂ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ଜଣାଇବାକୁ ସ୍ଥିର କରାଯାଇଥିଲା। ଏଥିରେ ଉମାଶଙ୍କର ନାଏକ, କୃଷ୍ଣଚନ୍ଦ୍ର ପୂଜାରୀ, ପ୍ରମୋଦ ତ୍ରିପାଠୀ, ସୁବାସ ବେହେରା, ଭୁବନେଶ୍ୱର ମାଝି, କୈଳାସ ସାହୁ, ସାହୁ, ପ୍ରସନ୍ନ ମହାନ୍ତି, ବଳରାମ ସିଂ, ତ୍ରିଲୋଚନ ସିଂ ପ୍ରମୁଖ ଯୋଗ ଦେଇଥିଲେ।

# କଲେଜ ଭିତ୍ତିଭୂମି ବିକାଶ ନେଇ ଉତ୍ସବ ପାଳନ

**ରାୟଗଡା ଅଫିସ, ୨୦।୯**

ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଭିତ୍ତିଭୂମି ଉନ୍ନୟନ ଦାୟିତ୍ୱ ଗ୍ରହଣ ଉପଲକ୍ଷେ ଗୁରୁବାର ଏକ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରାଜ୍ୟସଭା ସଦସ୍ୟ ଏନ୍.ଭାସ୍କର ରାଓ, ସମ୍ମାନିତ ଅତିଥି ଭାବେ ବିଧାୟକ ତଥା ବ୍ୟୟବରାଦ କମିଟି ଅଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଏମପି ଝିନ୍ନ ହିକ୍‌କା, ରାୟଗଡା ବିଧାୟକ ଲାଲ୍‌ବିହାରୀ ହିମିରିକା, ଜିଲା ପରିଷଦ ଅଧ୍ୟକ୍ଷ ପୁରୁଷୋତ୍ତମ ଗମାଙ୍ଗ ପ୍ରମୁଖ ଯୋଗ ଦେଇଥିଲେ । ରାୟଗଡା କଲେଜର ଏନ୍‌ସିସି ଛାତ୍ରୀଛାତ୍ର ଅତିଥିମାନଙ୍କୁ ସମୂହ ପ୍ୟାରେଡ୍ ମାଧ୍ୟମରେ ସ୍ୱାଗତ କରିଥିଲେ । ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ତ୍ରିପାଠୀ ସଭାପତିତ୍ୱ କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟ ପରିଚାଳନା କମିଟି ପ୍ରତିଷ୍ଠାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ ମୃତ୍ୟୁବରଣ କରିଥିବା କମିଟିର ସଦସ୍ୟମାନଙ୍କ ପରିବାରବର୍ଗଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଦେଢ଼କୋଟି ଟଙ୍କା ଅନୁଦାନ ରାଶି ପ୍ରଦାନ କରିଛନ୍ତି । ଏଥିରେ କଲେଜର ଉନ୍ନତିମୂଳକ କାର୍ଯ୍ୟ କରାଯିବ ବୋଲି ଆଲୋଚନା ହୋଇଥିଲା । ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର ମେଧାବୀ ଅଟନ୍ତି । ଜିଲାର ଏହି ଦୁଇ ମହାବିଦ୍ୟାଳୟର ଉନ୍ନତି ନିମନ୍ତେ ଆବଶ୍ୟକ ଭିତ୍ତିଭୂମି, ଅନୁଦାନ ଏବଂ ଆବଶ୍ୟକ ସମସ୍ତ ସରଞ୍ଜାମ ରାଜ୍ୟ ସରକାରଙ୍କ ପକ୍ଷରୁ ପର୍ଯ୍ୟାୟକ୍ରମେ ଯୋଗାଇ ଦିଆଯିବ । ଏଥିନିମନ୍ତେ ପଦକ୍ଷେପ ନିଆଯାଉଥିବା ମଞ୍ଚାସୀନ ଅତିଥି ବୃନ୍ଦ କହିଥିଲେ। ଏହି କାର୍ଯ୍ୟକ୍ରମରେ ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରତିଷ୍ଠାତାଙ୍କ ସମେତ ପରିଚାଳନା କମିଟି ଅଧ୍ୟକ୍ଷଙ୍କ ସମେତ ସମସ୍ତ ସଦସ୍ୟାସଦସ୍ୟ, ଅଧ୍ୟାପିକାଅଧ୍ୟାପକ, ଛାତ୍ରୀଛାତ୍ର ଏବଂ ଅଭିଭାବକ ଯୋଗ ଦେଇଥିଲେ । ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଆଦିବାସୀ ଭାଷା, ଲିପି ସୁରକ୍ଷା ନେଇ ଗୁରୁତ୍ୱାରୋପ

**ଗୁଣପୁର,୨୦।୯(ଡି.ଏନ.ଏ)**

ଆଦାବାସୀ ଭାଷା, ଲିପି ଏବଂ ଧର୍ମର ସୁରକ୍ଷା ନେଇ ଏକ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଗୁଣପୁର ବ୍ଲକ ଗୋଠଳପଦର କୁସୁମଗୁଡାଠାରେ ମାତାର ବନାମ ସୌରା ସମାଜ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଧର୍ମ ପରିବର୍ତ୍ତନ ହେଉଥିବାର କ୍ଷୋଭ ପ୍ରକାଶ କରିଥିଲେ । ତେଣୁ ଧର୍ମର ରକ୍ଷା ସହ ଆଦିବାସୀ ଭାଷା, ଲିପିର ସୁରକ୍ଷା ଦିଗରେ ଗୁରୁତ୍ୱାରୋପ କରାଯାଇଥିଲା । ଏଥିରେ ଗ୍ରାମ ମୁଖିଆମାନଙ୍କ ସହ ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ ଓ ବିଜୟନଗର ଜିଲାର ସୌରା ସଂପ୍ରଦାୟର ଲୋକମାନେ ଯୋଗ ଦେଇଥିଲେ । ଗୁଣପୁର ପୂର୍ବତନ ବିଧାୟକ ତଥା ସୌରା ସମାଜ ସଭାପତି ରାମମୂର୍ତ୍ତି ଗମାଙ୍ଗ, ଶ୍ରୀକାକୁଲମ ଜିଲାର ସୌରା ଭାଷା ପ୍ରଚାର କନିମା ଲାଭିମଡ, ସରପଞ୍ଚ ନିମାଲା ସମ୍ବରା, ଶ୍ରୀକାକୁଲମ ଜିଲାର ମାତାର ବନାମ ସଭାପତି ବିଡିକା ଗୋପାଳ, ରାଜ୍ୟ ସଧାରଣ ସଂପାଦକ କୃଷ୍ଣ ଶବର ଉପସ୍ଥିତ ଥିଲେ । ଗୋଠଳପଦର ଶାଖା ସଭାପତି ମାଣ୍ଡାଙ୍ଗି ବିଦ୍ୟାଧର, ସଂପାଦକ ଗଙ୍ଗାଧର ଗମାଙ୍ଗ, ସହ ସଂପାଦକ ନାରାୟଣ ମାଣ୍ଡାଙ୍ଗି, କୋଷାଧ୍ୟକ୍ଷ ସୁବାସ ମାଣ୍ଡାଙ୍ଗି, ପରାମର୍ଶଦାତା ବିଡିକା ବିସିଂ, କେଶବ ମାଣ୍ଡାଙ୍ଗି, ପାଡିକା ନଗେନ୍ଦ୍ର, ପାଡିକା ଅର୍ଜନ, ମାଣ୍ଡିଙ୍ଗି ଲିଙ୍ଗମ, ବିଡିକା ବିଶ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ୪ ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷକ

**ଗୁଡାରୀ,୨୦।୯(ଡି.ଏନ୍.ଏ.)**

ଶିକ୍ଷା ବିଭାଗର ନିୟମ ଅନୁଯାୟୀ ପ୍ରତି ବିଦ୍ୟାଳୟରେ ସର୍ବନିମ୍ନ ଦୁଇଜଣ ଶିକ୍ଷକ ନିୟୋଜିତ ହେବା କଥା, କିନ୍ତୁ ବିଡମ୍ବନାର ବିଷୟ ଖୋଦ ଗୁଡାରୀ ସହରରେ ଏପରିକି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ପ୍ରାୟ ୫ଶହ ମିଟରେ ପରିଧି ମଧ୍ୟରେ ରହିଥିବା ୪ଟି ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷକ କାର୍ଯ୍ୟ କରୁଛନ୍ତି । ସହରର ଏକ୍ସବୋର୍ଡ ପ୍ରାଥମିକ ବିଦ୍ୟାଳୟ, ହରିଜନ ସାହି ପ୍ରାଥମିକ ବିଦ୍ୟାଳୟ,ବ୍ରାହ୍ମଣ ସାହି ପ୍ରାଥମିକ ବିଦ୍ୟାଳୟ ଓ ପାଇକ ସାହି ପ୍ରାଥମିକ ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷକ ଥିବା ଜଣାଯାଇଛି । ଫଳରେ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି । ଏନେଇ ସ୍ଥାନୀୟ ଲୋକେ ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଏକ୍ସବୋର୍ଡ ପ୍ରାଥମିକ ବିଦ୍ୟାଳୟରେ ୧୨ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ, ହରିଜନ ସାହି ପ୍ରାଥମିକ ବିଦ୍ୟାଳୟରେ ୧୦ ଜଣ, ବ୍ରାହ୍ମଣ ସାହି ପ୍ରାଥମିକ ବିଦ୍ୟାଳୟରେ ୧୦ ଜଣ ଏବଂ ପାଇକ ସାହି ପ୍ରାଥମିକ ବିଦ୍ୟାଳୟରେ ୧୭ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ଏକ୍ସବୋର୍ଡ ଓ ବ୍ରାହ୍ମଣସାହି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅବସର ନେବା ପରଠାରୁ ସେଠାରେ ଆଉ ନୂତନ ଶିକ୍ଷକ ଦିଆଯାଇନାହିଁ । ଏପରିକି ଅସ୍ଥାୟୀ ଭାବେ ୨ ଜଣ ଶିକ୍ଷକଙ୍କୁ ନିଯୁକ୍ତି କରାଯାଇଛି। ସରକାରଙ୍କ ବିଦ୍ୟାଳୟ ସମ୍ମିଶ୍ରଣ ଯୋଜନାରେ ହରିଜନସାହି ଓ ବ୍ରାହ୍ମଣ ସାହି ପ୍ରାଥମିକ ବିଦ୍ୟାଳୟ ଏକ୍ସବୋର୍ଡ ବିଦ୍ୟାଳୟ ସହ ଓ ପାଇକ ସାହି ପ୍ରାଥମିକ ବିଦ୍ୟାଳୟ ଗୌଡ଼ସାହି ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ ହେବାର ସମ୍ଭାବନା ରହିଛି । ଏନ୍‌ଏସି ଅଧ୍ୟକ୍ଷା ସହର ବିଦ୍ୟାଳୟ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ହୋଇଥିଲେ ମଧ୍ୟ ଜଣେ ଲେଖାଏଁ ଶିକ୍ଷକ ଥିବା ବିଷୟ ସେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇ ନାହାନ୍ତି । ଗତ ୨୦୧୫–୧୬ ଶିକ୍ଷା ବର୍ଷରେ ଆବଶ୍ୟକତାଠାରୁ କମ୍ ପିଲା ଥିବାରୁ ସହରର ନିଘାମନସାହି ପ୍ରାଥମିକ ବିଦ୍ୟାଳୟ ଉଠିଯାଇଥିଲା । ଏନେଇ ଅଧ୍ୟକ୍ଷାଙ୍କୁ ପଚାରିବାରୁ, ଦୀର୍ଘଦିନ ବିଭାଗ ତରଫରୁ ହେଲା ବିଦ୍ୟାଳୟ ଷ୍ଟାଣ୍ଡିଂ କମିଟିର କୌଣସି ବୈଠକ ବସିନାହିଁ। ତଥାପି ଖୁବ୍ ଶୀଘ୍ର ପଦକ୍ଷେପ ନିଆଯିବ। ଗୁଡାରୀରେ ଦୀର୍ଘଦିନ ହେଲା ସ୍ଥାୟୀ ଗୋଷ୍ଠୀ ଶିକ୍ଷାଧିକାରୀ ନ ଥିବା ବେଳେ ୩ ଜଣ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ବଦଳରେ ଜଣେ ମାତ୍ର ଏବିଇଓ କାର୍ଯ୍ୟ କରୁଛନ୍ତି ବୋଲି କହିଛନ୍ତି।



